


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୮ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 JUNE 2021

Vol.No. 32 ■ No. 145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଦେଶବାସୀଙ୍କ ପାଇଁ ମାଗଣା ଟିକା ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଅଟେ। ସମସ୍ତେ ଟିକା ନନେବା ପର୍ଯ୍ୟନ୍ତ କେହି ମଧ୍ୟ ସୁରକ୍ଷିତ ନୁହନ୍ତି। କରୋନା ମହାମାରୀ ବିରୋଧୀ ଲଢେଇରେ ଦେଶ ଭାବେ ଆମେ ସମସ୍ତେ ଏକ। କୋଭିଡ୍ ଟିକାକରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ମିଶନ କରିଥିବାରୁ ଧନ୍ୟବାଦ ବୋଲି ଉଲ୍ଲେଖ କରିଛନ୍ତି ନବୀନ ପଟ୍ଟନାୟକ। ଉଲ୍ଲେଖଯୋଗ୍ୟ ଯେ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୧ ର ଠାରୁ ସମସ୍ତଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଛନ୍ତି। ଟିକା ପାଇଁ ରାଜ୍ୟ ସରକାରଙ୍କୁ କିଛି ବି ଖର୍ଚ୍ଚ କରିବାକୁ ପଡ଼ିବନି। ଯେଉଁ ଲୋକମାନେ ଚାହିଁବେ ଟଙ୍କା ଦେଇ ଘରୋଇ ହସ୍ପିଟାଲରୁ ଟିକା ନେଇପାରିବେ। ସେହିପରି ଦୀପାବଳି ଯାଏ ଦେଶବାସୀଙ୍କୁ ମାଗଣା ରାସନ ଯୋଗାଇ ଦିଆଯିବ। ଏହି ଯୋଜନାରେ ପ୍ରାୟ ୮୦ କୋଟି ଭାରତୀୟ ମାଗଣା ରାସନ ପାଇବେ। ଗତବର୍ଷ କରୋନା ମହାମାରୀ ସମୟରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗିରବ କଲ୍ୟାଣ ଯୋଜନା ଆଧାରରେ ଏହି ସୁବିଧା ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି।

# ଦେଶବାସୀଙ୍କୁ ମିଳିବ ମାଗଣା ଟିକା

## ଟିକା ପାଇଁ ରାଜ୍ୟକୁ କରିବାକୁ ପଡିବନି କୌଣସି ଖର୍ଚ୍ଚ

ନୂଆଦିଲ୍ଲୀ,୦୭/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ ଘୋଷଣା । ସମସ୍ତ ଦେଶବାସୀଙ୍କୁ ମାଗଣାରେ କରୋନା ଟିକା ଦେବାକୁ ମୋଦୀ ଆଜି ଘୋଷଣା କରିଛନ୍ତି । ୧୮ ବର୍ଷରୁ ଅଧିକ ସମସ୍ତଙ୍କୁ ମାଗଣାରେ ଟିକା ଯୋଗାଇଦେବା ସହ ଜୁନ ୨୧ ତାରିଖ ସୋମବାର ଠାରୁ ସମସ୍ତଙ୍କୁ ଏହି ଟିକା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି । ସମସ୍ତ ରାଜ୍ୟ ସରକାରଙ୍କୁ ମାଗଣାରେ ଟିକା କେନ୍ଦ୍ର ଯୋଗାଇବ । ଟିକା ପାଇଁ କୌଣସି ରାଜ୍ୟ ସରକାରଙ୍କୁ କିଛି ବି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ନାହିଁ । ଉତ୍ପାଦିତ ଟୀକାର ୭୫ ପ୍ରତିଶତ ରାଜ୍ୟମାନଙ୍କୁ କେନ୍ଦ୍ର ଯୋଗାଇବ । ଯେଉଁ ଲୋକମାନେ ଚାହିଁବେ ଟଙ୍କା ଦେଇ ଟିକା ନେଇପାରିବେ । ଟଙ୍କା ଦେଇ ଘରୋଇ ହସପିଟାଲରୁ ଲୋକ



ଟିକା ନେଇପାରିବେ । ଘରୋଇ ହସ୍ପିଟାଲ ସର୍ବାଧିକ ୧୫୦ ଟଙ୍କା ହିଁ ସର୍ଭିସ ଚାର୍ଜ ନେଇପାରିବେ । ଘରୋଇ ହସ୍ପିଟାଲର ଟିକାକରଣ ଉପରେ ରାଜ୍ୟ ନଜର ରଖିବ । ମୋଦୀ କହିଛନ୍ତି ଯେ ପୂର୍ବରୁ କେନ୍ଦ୍ର ଦେଉଥିବା ଟୀକାର ୨୫ ପ୍ରତିଶତ ରାଜ୍ୟ ନିଜ ଆବଶ୍ୟକତା ଅନୁସାରେ ଟିକାକରଣ କରୁଥିଲା । ଏବେ କେନ୍ଦ୍ର ସବୁ ଟିକାର ଦାୟିତ୍ୱ ନେଲା । ମୋଦୀ କହିଛନ୍ତି ଯେ ୨ୟ ଲହରରେ ଆମେ ଆମର ସମ୍ପର୍କୀୟଙ୍କୁ ହରାଇଛୁ । ଯେଉଁମାନେ ନିଜ ପରିବାର ପ୍ରିୟଜନଙ୍କୁ ହରାଇଛନ୍ତି ମୁଁ ସେମାନଙ୍କ ସହ ଅଛି । ବିଗତ ଶହେ ବର୍ଷରେ ଏହା ସବୁଠାରୁ ବଡ ମହାମାରୀ ।

# ଓଡିଶାରେ କମୁଛି କରୋନା

## ୪୨ ଦିନରେ ସବୁଠୁ କମ୍ ଆକ୍ରାନ୍ତ ଚିହ୍ନଟ, ୯ ପ୍ରତିଶତକୁ ଖସିଲା ସଂକ୍ରମଣ

ଭୁବନେଶ୍ୱର,୦୭/୦୬(ନି.ପ୍ର): କରୋନାର ଦ୍ୱିତୀୟ ଲହର ପ୍ରଭାବ ଧୀରେ ଧୀରେ ହ୍ରାସ ପାଉଥିବା ବେଳେ ରାଜ୍ୟରେ ଦୁଇ ଦିନ ହେଲା ୧୦ ପ୍ରତିଶତ ତଳେ ରହିଛି ସଂକ୍ରମଣ ହାର । ପ୍ରତିଦିନ ରେଡ୍ ଜୋନରେ ଥିବା ଜିଲ୍ଲା ସଂଖ୍ୟା ମଧ କମିବାରେ ଲାଗିଛି । ୟେଲୋ ଓ ଗ୍ରୀନ ଜୋନ୍ ଜିଲ୍ଲା ସଂଖ୍ୟା ବଢିବାରେ ଲାଗିଛି । ରେଡ୍ ଜୋନରେ ୧୨ଟି ଜିଲ୍ଲା ରହିଛି, ଯେଉଁଠି ଅଢ଼େଇ ହଜାରରୁ ଅଧିକ ସକ୍ରିୟ ସଂକ୍ରମିତ ରହିଛନ୍ତି । ୮ ଜିଲ୍ଲା ଗ୍ରୀନ ଜୋନ୍ରେ ରହିଛନ୍ତି, ଯେଉଁଠି ହଜାରେ ତଳକୁ ରହିଛି ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା । ଜୁନ ମାସ ଆରମ୍ଭରୁ ରାଜ୍ୟରେ ସ୍ଥିତି ସୁଧୁରିବାରେ ଲାଗିଛି । ୭ ଦିନ ହେଲା ପଜିଟିଭିଟି ରେଟ୍ ହ୍ରାସ ପାଇବା ସହ ଦୈନିକ



ସଂକ୍ରମଣ ମଧ କମୁଛି । ଜୁନ ୧ ତାରିଖରେ ସଂକ୍ରମଣ ହାର ଥିଲା ୧୪.୦୨ ପ୍ରତିଶତ । ଜୁନ ୪ ତାରିଖ ଦିନ ସଂକ୍ରମଣ ହାର ୧୧.୨୬ ପ୍ରତିଶତକୁ ଚାଲି ଆସିଥିଲା । ୬ ତାରିଖ ଦିନ ୯.୭୨ ପ୍ରତିଶତ ରହିଥିଲା ପଜିଟିଭିଟି ରେଟ୍ । ୭ ତାରିଖ ଦିନ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ସଂକ୍ରମଣ ହାର ରହିଛି ୯.୧୧ ପ୍ରତିଶତ । ଅର୍ଥାତ୍ ଯଦି ୧୦୦ ଜଣ କରୋନା ପରୀକ୍ଷା କରୁଛନ୍ତି, ସେଥିରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଗତ ୨୪ ଘଂଟାରେ ୬୭ ହଜାର ୧୭୮ କରୋନା ପରୀକ୍ଷା କରାଯାଇଥିଲା, ସେଥିରୁ ୬ ହଜାର ୧୧୮ ଜଣ ପଜିଟିଭ୍ ଥିବା ଜଣାପଡିଛି । ୭ ଦିନରେ ପ୍ରାୟ ୫ ପ୍ରତିଶତ ସଂକ୍ରମଣ ହାର କମିଛି । ୪୨ ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ରହିଛି ଦୈନିକ ସଂକ୍ରମଣ ।

# କୁନି ପିଲାଙ୍କ ପାଇଁ କରୋନା ଟିକାର କ୍ଲିନିକାଲ ଟ୍ରାଏଲ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୦୭/୦୬(ନି.ପ୍ର): ପିଲାଙ୍କ ଉପରେ ଟିକାର ପରୀକ୍ଷଣକୁ ଗୁରୁତ୍ୱ ଦେଇଛନ୍ତି କେନ୍ଦ୍ର ସରକାର । ଯାହାକୁ ନେଇ ଦେଶରେ ଆରମ୍ଭ ହୋଇଛି ପିଲାଙ୍କ ଉପରେ ଟିକାର ପରୀକ୍ଷଣ । ସ୍ୱଦେଶୀ ଟୀକା କୋଭ୍ୟାକ୍ସିନର ମାନବ ପରୀକ୍ଷଣ ପିଲାଙ୍କ ଉପରେ କରିବା ପାଇଁ ଦିଲ୍ଲୀ ଏମ୍ସରେ ସୋମାବାରଠାରୁ ଆରମ୍ଭ ହୋଇଛି ସ୍କ୍ରିନିଂ । ସ୍କ୍ରିନିଂ ରିପୋର୍ଟ ଆସିବା ପରେ ପିଲାଙ୍କୁ ଦିଆଯିବ କରୋନା ଟିକା । ଏଥିପାଇଁ ୫୨୫ଜଣ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇଛି । ଦିଲ୍ଲୀରେ ସୋମବାରଠାର କୋଭାକ୍ସିନର ମାନବ ପରୀକ୍ଷଣ ପାଇଁ ପିଲାଙ୍କ ସ୍କ୍ରିନିଂ ଆରମ୍ଭ ହୋଇ ଯାଇଛି ।



ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍, ଦେଶର ୨ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଉପଯୁକ୍ତକି ନାହିଁ ତାହା ଉପରେ ଆରମ୍ଭ ହୋଇଛି ପରୀକ୍ଷା । ଭାରତ ବାୟୋଟେକ୍ ସହ ମିଳିତ ଭାବରେ ଏମ୍ସ ଏହି ପରୀକ୍ଷଣ ଆରମ୍ଭ କରିଛି । ମିଳିଥିବାସୂଚନା ଅନୁସାରେ, ସ୍କ୍ରିନିଂ ରିପୋର୍ଟ ଆସିବା ପରେ ପିଲାଙ୍କ ଉପରେ ଭାକ୍ସିନ ପରୀକ୍ଷା ଆରମ୍ଭ କରାଯିବ, ପରୀକ୍ଷଣ ପାଇଁ ୫୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ବଛା ଯାଇଛି, ୨ ବର୍ଷରୁ ୧୮ ବର୍ଷମଧ୍ୟରେ ପିଲାଙ୍କ ଉପରେ ଟିକା ପରୀକ୍ଷଣ କରାଯିବ, ପରୀକ୍ଷଣରେ ପିଲାଙ୍କୁ ମଧ୍ୟ ୨୮ ଦିନ ଅନ୍ତରାଳରେ ଟିକାର ୨ଟି ଡୋଜ୍ ଦିଆଯିବ । ଏମ୍ସର ପ୍ରିନ୍ସିପାଲଇନ୍ ଭେଷ୍ଟିଗେଟର ଡାକ୍ତର ସଂଜୟରାୟ ସୂଚନା ଦେଇଛନ୍ତି – କୋଭାକ୍ସିନର ମାନବ ପରୀକ୍ଷଣ ପାଇଁ ୧୦ ଗୁଣା ଅଧିକ ପିଲା ଆବେଦନ କରିଛନ୍ତି । ଯାହାକୁ ଦେଖି ଅନୁମାନ କରାଯାଉଛି ଯେ, ପିଲାମାନେ କୋଭିଡ୍ ଭ୍ୟାକ୍ସିନ୍ ନେବା ପାଇଁ ଉତ୍ସାହିତ ଅଛନ୍ତି । ▶▶ପୃଷ୍ଠା ୭

## ମହାମାରୀ ବେଳେ ପ୍ରଧାନମନ୍ତ୍ରୀଙ୍କ ବଡ ଘୋଷଣା

# ନଭେମ୍ବର ଯାଏଁ ଗରିବଙ୍କୁ ମିଳିବ ମାଗଣା ରାସନ

ଭୁବନେଶ୍ୱର,୦୭/୦୬(ନି.ପ୍ର): ମହାମାରୀ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଡ ଘୋଷଣା । ଆଜି ଦେଶବାସୀଙ୍କୁ ସମ୍ବୋଧନନ କରିବା ବେଳେ ଏହି ବଡ ଘୋଷଣା କରିଛନ୍ତି ମୋଦୀ । କରୋନା ସଙ୍କଟ ବେଳେ ଦେଶବାସୀଙ୍କୁ ମାାଗଣା ରାସନ ମିଳିବା ଦରକାର ବୋଲି ସେ କହିଥିଲେ । ଆଉ ଦୀପାବଳୀ ଯାଏଁ ଅର୍ଥାତ ନଭେମ୍ବର ମାସ ଯାଏଁ ମାଗଣା ରାସନ ମିଳିବ ବୋଲି ଘୋଷଣା କରିଥିଲେ । ପିଏମ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ଏହି ରାସନ ପ୍ରଦାନ କରାଯିବ । ଭ୍ୟାକ୍ସିନକୁ ନେଇ ମଧ ପ୍ରଧାନମନ୍ତ୍ରୀ ବଡ ଘୋଷଣା କରିଛନ୍ତି । ସମସ୍ତ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ତରଫରୁ ମାଗଣା ଭ୍ୟାକ୍ସିନ ମଧ ଦିଆଯିବ । ଏହି



ବ୍ୟବସ୍ଥା ୨୧ ଜୁନରୁ ଲାଗୁ ହେବ । ସେହିପରି ପ୍ରାଇଭେଟ ହସ୍ପିଟାଲରେ ଭ୍ୟାକ୍ସିନ ପାଇଁ ୧୫୦ ଟଙ୍କା ନିଆଯିବ । ମୋଦୀ ସମ୍ବୋଧନ ବେଳେ କହିଥିଲେ ଯେ, ଏବେ ବି କରୋନାର ଦ୍ୱିତୀୟ ଲହର ବିରୋଧରେ ଲଢେଇ ଜାରି ରହିଛି । ଦୁନିଆର ଅନ୍ୟ ଦେଶ ଭଳି ଆମ ଦେଶ ବି ଅନେକ କଷ୍ଟ ସମୟ ଦେଇ ଗତି କରୁଛି । ଏହି ସମୟରେ ଆମେ ଆମ ଆତ୍ମୀୟ ମାନଙ୍କୁ ହରାଇଛୁ । ଅକ୍ସିଜେନ, ଭେଣ୍ଟିଲେଟର ଭଳି ଅସୁବିଧାକୁ ସାମ୍ନା କରିଛୁ ।

## ୧୦ ଦିନରେ ଆହୁରି କମିବ ସଂକ୍ରମଣ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ରାଜ୍ୟରେ ମହାମାରୀ କରୋନା ଏବେ ତଳମୁଁହା ହୋଇଛି। ଲକଡାଉନ କଟକଣା ଯୋଗୁଁ ଏହାର ପ୍ରଭାବ ପଡିଛି। ଗତ କିଛି ଦିନ ରାଜ୍ୟରେ ଦୈନିକ ସଂକ୍ରମଣ ୮ ହଜାର ଓ ୭ ହଜାର ରହିବା ପରେ ଆଜି ଏହା ୬ ହଜାରକୁ ଖସିଛି। ଆଗାମୀ ସପ୍ତାହେ କିମ୍ବା ଦଶ ଦିନ ଭିତରେ ଏହା ଆହୁରି କମିବା ନେଇ ଟ୍ରେଣ୍ଡ ଦର୍ଶାଉଥିବା କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ଅନ୍ୟପକ୍ଷରେ ୬୦ ପ୍ରତିଶତ ଲୋକ ଏବେ ମଧ ଗୁରୁତର ହୋଇ ଆଇସିୟୁରେ ଅଛନ୍ତି, ତେଣୁ ମୃତ୍ୟୁ ସଂଖ୍ୟା ମଧ ଅଧିକ ରହୁଛି। ସେ ଆହୁରି କହିଛନ୍ତି, ଏବେ ଟୀକାକରଣର ଦ୍ୱିତୀୟ ଡୋଜକୁ ଗୁରୁତ୍ୱ ଦିଆଯାଉଛି। ୧୮ରୁ ୪୪ ବର୍ଷର ଯେଉଁମାନେ ପ୍ରଥମ ଡୋଜ ନେଇ ଦ୍ୱିତୀୟ ଡୋଜ ଅପେକ୍ଷାରେ ଅଛନ୍ତି ସେମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଜିଲ୍ଲା ମୁଖ୍ୟାଳୟରେ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଯେଉଁ ଅନୁସାରେ ଟିକା ରାଜ୍ୟକୁ ମିଳୁଛି, ସେହି ଅନୁସାରେ ପ୍ଲାନ କରାଯାଉଛି।

# ଢେଙ୍କାନାଳରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର/ଢ଼େଙ୍କାନାଳ,୦୭/୦୬ (ନି.ପ୍ର): ଅନୁଗୁଳ ଏବଂ ଢ଼େଙ୍କାନାଳ ଜିଲ୍ଲାରେ ସାମୂହିକ ପ୍ରୟାସରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରାଯାଉଛି ବୋଲି ସୋମବାର ଭିଡିଓ କନଫରେନ୍ସିଂ ଜରିଆରେ ଢ଼େଙ୍କାନାଳ ଜିଲ୍ଲା ଖଡ଼ଗପ୍ରସାଦ ଠାରେ ଟାଟା ଷ୍ଟିଲ ବିଏସଏଲ ସହଯୋଗରେ ପ୍ରତିଷ୍ଠା ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଗାମୀ ଦିନର ସମ୍ଭାବ୍ୟ ଲହର ପାଇଁ ପ୍ରସ୍ତୁତ ରହିବାକୁ ହେବ। ଅନୁଗୁଳ ଏବଂ ଢ଼େଙ୍କାନାଳ ଜିଲ୍ଲାରେ ସାମୂହିକ ପ୍ରୟାସରେ ସ୍ୱାସ୍ଥ୍ୟ ଭିତିଭୂମିକୁ





ମଜବୁତ୍ କରାଯାଉଥିବା ବେଳେ କରୋନାର ଅବିଭକ୍ତ ଢ଼େଙ୍କାନାଳ ଜିଲ୍ଲାର କାମାକ୍ଷାନଗରରେ ସମ୍ ହସ୍ପିଟାଲ ସହଯୋଗରେ ଆନୁଷଙ୍ଗିକ ଭିତିଭୂମି ସହ ୧୫୦ ବେଡର କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ଓନଜିସିକୁ ଦାୟିତ୍ୱ ଦିଆଯାଇଛି। ପାଲଲହଡ଼ାରେ ବିଭିନ୍ନ ଆନୁଷଙ୍ଗିକ ଭିତିଭୂମି ସହ ୫୦ଟି ବେଡ୍ ସହ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା ପାଇଁ ଏଚପିସିଏଲକୁ ଦାୟିତ୍ୱ ଦିଆଯାଇଛି। ▶▶ପୃଷ୍ଠା ୭

# ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଉତ୍ତରପୂର୍ବ ଭାରତରେ ସକ୍ରିୟ ହୋଇଯାଇଛି। ଫଳରେ ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଆସାମ, ମେଘାଳୟ ଓ ଅରୁଣାଞ୍ଚଳପ୍ରଦେଶରେ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଏଥିସହ ରବିବାର ଦିନ କେନ୍ଦ୍ରୀୟ ଆରବସାଗରର ଆଉ କିଛି ଅଂଶ ସମେତ ମହାରାଷ୍ଟ୍ର, ସମ୍ପୂର୍ଣ୍ଣ କର୍ଣ୍ଣାଟକ ଓ ତାମିଲନାଡୁ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର କିଛି କିଛି ଅଂଶରେ ସୌସୁମୀ ସକ୍ରିୟ ହୋଇଛି। ଆଉ ୪ଦିନ ଭିତରେ ମୌସୁମୀ ଓଡ଼ିଶାମୁହାଁ



ହେବ। ୧୧ ତାରିଖରେ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଥିବା ଲଘୁଚାପ କ୍ଷେତ୍ର ମୌସୁମୀକୁ ଓଡ଼ିଶା ଆଡ଼କୁ ଟାଣି ଆଣିବ ବୋଲି ଭାରତୀୟ ପାଣପାଗ ବିଜ୍ଞାନ କେନ୍ଦ୍ର (ଆଇଏମ୍ଡି) ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଆସନ୍ତାକାଲିଠାରୁ ୪ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍-ମୌସୁମୀ ବର୍ଷା ▶▶ପୃଷ୍ଠା ୭

# ଦେଶରେ ଖୋଲୁଛି ତାଲା : ମୁମ୍ବାଇରେ ଚାଲିଲା ଲୋକାଲ ଟ୍ରେନ୍, ଦିଲ୍ଲୀରେ ଗଡିଲା ମେଟ୍ରୋ

ନୂଆଦିଲ୍ଲୀ,୦୭/୦୬: ଦ୍ୱିତୀୟ ଲହର ସଂକ୍ରମଣ ପରେ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରୁଛି ଦେଶ । ରାଜଧାନୀ ଦିଲ୍ଲୀ ଓ ଦେଶର ବାଣିଜ୍ୟିକ ରାଜଧାନୀ ମୁମ୍ବାଇରେ କୋହଳ ହୋଇଥି କଟକଣା ଅବଧି । ୫୦ ପ୍ରତିଶତ ଯାତ୍ରୀଙ୍କୁ ନେଇ ଗଡିଛି ଦିଲ୍ଲୀ ମେଟ୍ରୋ । ମଲ, ମାର୍କେଟ କଂପ୍ଲେକ୍ସ ଓ ବଜାର ଅଡ-ଇଭନ ଫର୍ମୁଲାରେ ଦିନ ୧୦ଟାରୁ ରାତି ୮ଟା ଯାଏଁ ଖୋଲିଛି । ମହାରାଷ୍ଟ୍ରରେ ୫ଟି ପର୍ଯ୍ୟାୟରେ ଅନଲକ ଆରମ୍ଭ ହୋଇଯାଇଛି । ମୁମ୍ବାଇରେ ରେଷ୍ଟୋରାଁ ଓ ଅନ୍ୟାନ୍ୟ ଦୋକାନ ଖୋଲିଛି । କିନ୍ତୁ ମଲ ଓ ଥିଏଟରକୁ ଖୋଲିବାକୁ ଅନୁମତି ମିଳିନାହିଁ । ଦୀର୍ଘ ଦୁଇ ମାସ ପରେ ଗଡ଼ିଲା ଦିଲ୍ଲୀ ମେଟ୍ରୋ। ୫୦ପ୍ରତିଶତ ଯାତ୍ରୀଙ୍କୁ ନେଇ ଗଡ଼ିଛି ମେଟ୍ରୋ। କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗୁଁ ତାଲା ବନ୍ଦ ହୋଇଥିବା ବେଳେ ପୁଣି ଧୀରେ ଧୀରେ ସ୍ୱାଭାବିକ ହେବାକୁ ଲାଗିଛି ରାଜଧାନୀ ଦିଲ୍ଲୀ। ସଂକ୍ରମଣ କମିବା ପରେ ଜୁନ ୭ରୁ ପର୍ଯ୍ୟାୟ କ୍ରମେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଛି। ଦିଲ୍ଲୀରେ ଜୁନ ୧୪ପର୍ଯ୍ୟନ୍ତ ଲକଡାଉନ ଥିଲେ ସୁଦ୍ଧା ସୋମବାରଠାରୁ ନିୟମ କୋହଳ କରାଯାଇଛି। ତେବେ ମଲ, ମାର୍କେଟ କମପ୍ଲେକ୍ସ ଓ ବଜାର ଯୁଗ୍ମ ଅଯୁଗ୍ମ ନିୟମ ଆଧାରରେ ଦିନ ୧୦ରୁ ରାତି ୮ଟା ଯାଏଁ ଖୋଲା ରହିବ। ସୋମବାରଠାରୁ ପର୍ଯ୍ୟାୟ କ୍ରମେ ଅନଲକ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜିମ, ସ୍ପା, ବ୍ୟୁଟି ପାର୍ଲର, ସେଲୁନ, ଏଣ୍ଟରଟେନମେଣ୍ଟ ପାର୍କ, ସିନେମା ହଲ, ଥିଏଟର ପାର୍କ ଓ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ମିଳିନାହିଁ। ଏହାସହ ବେସରକାରୀ କାର୍ଯ୍ୟାଳୟରେ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଅଫିସ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ରହିଛି। ସେପଟେ ମହାରାଷ୍ଟ୍ରରେ ୫ଟି ପର୍ଯ୍ୟାୟରେ ହେବ ଅନଲକ। ଯେଉଁ ସହରରେ ପଜିଟିଭିଟି ହାର ୫ପ୍ରତିଶତରୁ କମ ଓ ଅକ୍ସିଜେନ ବେଡ଼ ▶▶ପୃଷ୍ଠା ୭

# ଏକାମ୍ର ଯୋଜନା ପାଇଁ ଉପଦେଷ୍ଟା କମିଟି

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଏକାମ୍ର ଯୋଜନା ପାଇଁ ଏକ ଉପଦେଷ୍ଟା କମିଟି ଗଠନ କରିଛନ୍ତି ରାଜ୍ୟ ସରକାର। ଡକ୍ଟର ସନ୍ତୃପ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ୧୯ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ପୂର୍ତ୍ତ ସଚିବ, ରାଜସ୍ୱ ସଚିବ, ବିଏମସି କମିଶନର, ଦେବୋତର କମିଶନର ଓ ଏଏସଆଇ ସୁପରିଟେଣ୍ଡେଂଟ ସଦସ୍ୟ ରହିବେ । ସେହିପରି କମିଟିରେ ୩ଜଣ ସେବାୟତ , ୨ ଜଣ ସଂସ୍କୃତିବିତ୍ ମଧ ରହିବେ। ଏକାମ୍ର କ୍ଷେତ୍ରର ବିକାଶ ନେଇ ଏହି କମିଟି ମାର୍ଗଦର୍ଶନ କରିବ। କମିଟିର ଅଧ୍ୟକ୍ଷ ଡକ୍ଟର ସନ୍ତୃପ୍ତ ମିଶ୍ର ଏବେ ଆଦିତ୍ୟ ବିର୍ଲା ଗ୍ରୁପର ମାନବ ସମ୍ବଳ ନିର୍ଦ୍ଦେଶକ ଥିବା ବେଳେ, କାର୍ବନ ବ୍ଲାକ ଓ କେମିକାଲ ବିଜନେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ଅଛନ୍ତି । ସେହିପରି କର୍ପୋରେଟ ହାଉସ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ଏକାମ୍ରକ୍ଷେତ୍ରର ବିକାଶ ପାଇଁ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଯୋଜନା ଅନୁଯାୟୀ ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ୮୦ଏକର ଜମିର ହେବ ବିକାଶ।

# ଉତ୍ତର ବାଲେଶ୍ୱରରେ 'ହୁ' ପକ୍ଷରୁ ଟେଣ୍ଟ କମ୍ୟୁନିଟି ହସ୍‌ପିଟାଲ ଲାଗି ଜମି ସର୍ଭେ ଆରମ୍ଭ



ଜଳେଶ୍ୱର,୭/୬ (ନି.ପ୍ର) : କୋଭିଡ୍ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଥିବା ବେଳେ ଏହାର ନିସ୍ତାର ଲାଗି ସ୍ୱାସ୍ଥ୍ୟ ବିଭାଗ ନାକେଦମ ହେଉଛି । ରୋଗୀମାନେ ମୃତ୍ୟୁ ମୁଖରେ ପଡୁଥିବାରୁ କେନ୍ଦ୍ର/ରାଜ୍ୟ ସରକାର ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସମ୍ଭବ ହୋଇ ପାରୁନଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏବେ ଅଣ୍ଟା ଭିଡିଛି । କରୋନା, ବ୍ଲକ ଫଙ୍ଗସ୍ ଭଳି ମହାମାରୀକୁ ମୁକାବିଲା କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ହୁ ପକ୍ଷରୁ ଏକ ଟେଣ୍ଟ କମ୍ୟୁନିଟି ହସ୍‌ପିଟାଲ ନିର୍ମାଣ ହେବ ବୋଲି ସୂଚନା ମିଳିଛି । ଓଡିଶାର ଉତ୍ତର ଉପାନ୍ତ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ପଶ୍ଚିମବଂଗ ସନ୍ନିକଟ ଯେ କୌଣସି ସ୍ଥାନରେ ଏକ ଟେଣ୍ଟ କମ୍ୟୁନିଟି ହସ୍‌ପିଟାଲ ନିର୍ମାଣ ଲାଗି ଜମି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ଲକ୍ଷ୍ମଣନାଥରୋଡ ନିକଟ ପୁରୁଣା ୟୁନିଫାଏଡ ଚେକ୍‌ଗେଟ୍ ନିକଟରେ ୫୨ ଏକର ସରକାରୀ ଉପଯୁକ୍ତ ଜମି ରହିଛି । ଏହି ସ୍ଥାନଟି ପଶ୍ଚିମବଂଗରୁ ମାତ୍ର ୨ କିମି ଦୂର ଏବଂ ଭୋଗରାଇ, ବସ୍ତା, ବାଲିଆପାଳରୁ କେନ୍ଦ୍ରସ୍ଥଳ ହୋଇଥିବାରୁ ତାହା ପ୍ରକୃଷ୍ଟ ବୋଲି ମତପ୍ରକାଶ ପାଇଛି । ବାଲେଶ୍ୱର ସିଡିଏମଓ ଡା. ଦୁଲାଲ ସେନ୍ ଜଗଦେବଙ୍କ ନେତୃତ୍ୱରେ ଡବ୍ଲୁଏଚ୍‌ଓ(ହୁ)ର ରାଜ୍ୟ ଅଧିକାରିଣୀ ଅର୍ଚ୍ଚନା ଗାୟଣ, ହାତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରର ମୁଖ୍ୟ ଡା. ପ୍ରଭାସ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ବିପିଏମ୍ ଅନୀଲ ମହାନ୍ତି, ବିଡିଓ ଦିପ୍ତୀରଂଜନ ସେଠୀ, ମ୍ୟୁନିସିପାଲଟି ଅଧିକାରୀ ଅଜୟ ମହାପାତ୍ର ପ୍ରମୁଖ ଉକ୍ତ ସ୍ଥାନ ସର୍ଭେ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାଯାଇଛି । ୯୬ ବେଡ୍ ବିଶିଷ୍ଟ ଏହି ହସ୍‌ପିଟାଲ ନିର୍ମାଣ ହେଲେ ମହାମାରୀ ସମୟରେ ଉତ୍ତର ଓଡିଶାର ୪ଟି ବ୍ଲକ ଉପକୃତ ହୋଇ ପାରିବ ବୋଲି ବହୁ ବୁଦ୍ଧିଜିବୀ ମତବ୍ୟକ୍ତ କରିଛନ୍ତି ।

# ପୌରାଂଚଳର ବିଭିନ୍ନ ୱାର୍ଡର ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଲେ ବିଧାୟକ

କେନ୍ଦ୍ରାପଡ଼ା,୭/୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ୧ନଂ ଠାରୁ ୪ନଂ ୱାର୍ଡ ଓ ୧୨ନଂ ୱାର୍ଡର ନିର୍ମାଣାଧିନ ଉନ୍ନୟନ କାର୍ଯ୍ୟ ଗୁଡିକର ଅଗ୍ରଗତି ସଂପର୍କରେ ବିଧାୟକ ଶଶି ଭୂଷଣ ବେହେରା କାର୍ଯ୍ୟ ତଦାରଖ କରିଥିବା ଜଣାପଡିଛି । ରବିବାର ଅପରାହ୍ନରେ ବିଧାୟକ ଶ୍ରୀ ବେହେରା, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, କନିଷ୍ଠ ଯନ୍ତ୍ରୀ ଅବନୀ ମହାନ୍ତିଙ୍କ ସମେତ ସେହି ୱାର୍ଡର ପୂର୍ବତନ କାଉନସିଲର ମାନେ ଉପସ୍ଥିତ ରହି ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ସଂପର୍କରେ ପଚାରି ବୁଝିଥିଲେ । ୧ନଂ ଓ ୩ନଂ ୱାର୍ଡରେ କରାଯାଇଥିବା ଫେବର ବ୍ଲକ ରାସ୍ତା, ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା, ବାସୁଦେବ ଛକ ପାଖରେ ଜଳ ସଂରକ୍ଷଣ, ଶଙ୍ଖେଶ୍ୱର ଶଶ୍ମାନ ପୋଖରୀ ପୁନରୁଦ୍ଧାର, ଗୋପ ଶ୍ମଶାନ ଭିତିଭୂମିର ବିକାଶ, ପୌର କାର୍ଯ୍ୟାଳୟ ନିକଟରୁ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନବୀକରଣ, ଓ ମୁନିସିପାଲିଟି ଅଫିସ ନିକଟରେ ଥିବା ପୋଖରୀ ସୌନ୍ଦର୍ଯ୍ୟ କରଣ, ସାରଙ୍ଗ ଠାରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡିୟମ ର ସଂଯୋଗୀକରଣ ରାସ୍ତା ନିର୍ମାଣ ଆଦିକାର୍ଯ୍ୟ ଗୁଡିକର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, ମଙ୍ଗଳବରଣ ସିଂ, ରଞ୍ଜିତ୍ ସାହୁ, ମଧୁ କର, ରଞ୍ଜନ କରଙ୍କ ସେମତ ବିଭିନ୍ନ ୱାର୍ଡର ଗ୍ରାମାବସୀ ମାନେ ଉପସ୍ଥିତ ଥିଲେ ।

# ସିଟି ହସ୍ପିଟାଲରେ ଖୋଲିବ ବ୍ଲାକ ଫଙ୍ଗସ୍ ୱାର୍ଡ଼

ଗଞ୍ଜାମ,୭/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ପରେ ଏବେ ବ୍ରହ୍ମପୁର ସିଟି ହସ୍ପିଟାଲରେ ଖୋଲିବ ବ୍ଲାକ ଫଙ୍ଗସ୍ ୱାର୍ଡ଼ । ଏଠାରେ ଥିବା ଡି.ସି.ଏଚ.- ୧ ଓ ମେଡ଼ିସିନ ବିଭାଗରେ ୱାର୍ଡ଼ ଖୋଲିବାକୁ ନିଷ୍ପତି ହୋଇଛି । ପ୍ରତ୍ୟେକ ୱାର୍ଡ଼ରେ ୪ଟି ଲେଖାଏଁ ଶଯ୍ୟା ରହିବ । ଏମକେସିଜି ମେଡ଼ିକାଲରେ ଏବେ ତିନୋଟି ବିଭାଗରେ ବ୍ଲାକ ଫଙ୍ଗସ୍ ୱାର୍ଡ଼ ଖୋଲାଯାଇଛି। ସେଠାରେ ଇ.ଏନ.ଟି. ବିଭାଗରେ ଦୁଇ ଜଣ ସନ୍ଦିଗ୍ଧ ରୋଗୀ ଚିକିତ୍ସାଧିନ ରହିଛନ୍ତି । ସିଟି ହସ୍ପିଟାଲରେ ଆସନ୍ତା କାଲି ଠାରୁ ଦୁଇଟି ବ୍ଲାକ ଫଙ୍ଗସ୍ ୱାର୍ଡ଼ ଖୋଲିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଡି.ସି.ଏଚ.- ୧ ରେ ଖୋଲାଯିବାକୁ ଥିବା ୱାର୍ଡ଼ରେ କୋଭିଡ଼୍ ପଜିଟିଭ୍ ବ୍ଲାକ ଫଙ୍ଗସ୍ ରୋଗୀଙ୍କ ଚିକିତ୍ସା କରାଯିବ। ସେହିପରି ମେଡ଼ିସିନ ୱାର୍ଡ଼ରେ ଅଣକୋଭିଡ଼୍ ବ୍ଲାକ ଫଙ୍ଗସ୍ ରୋଗୀଙ୍କୁ ଚିକିତ୍ସା କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି ।

# ଖାଉଟି ସାମଗ୍ରୀ ବଂଟନ କରୁଥିବା ଡିଲରମାନଙ୍କ ବୈଠକ

କଣାସ,୭/୬ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ଖାଉଟି ସାମଗ୍ରୀ ବଂଟନ କରୁଥିବା ଡିଲରମାନଙ୍କର ଏକ ବୈଠକ ଆଜି କୋଟକଣା ଛକ ନିକଟରେ ଝାଡୁକିଶୋର ଜୟସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଣାସ ବ୍ଲକର ୨୮ଟି ଗ୍ରାମପଚାଂୟତରେ ଖାଉଟି ସାମଗ୍ରୀ ବଂଟନ କରୁଥିବା ୩୫ ଜଣ ଡିଲର ଯୋଗଦେଇଥିଲେ । ଡିଲରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କେତେକ ଡିଲର ସମସ୍ୟା ଉତଥାପନ କରିଥିଲେ । ଟଙ୍କିକିଆ ଚାଉଳ ବଂଟନ ଶେଷ ହୋଇଯିବା ପରେ ଆସନ୍ତାକାଲିଠାରୁ କେନ୍ଦ୍ରସରକାରଙ୍କ ମାଗଣା ଚାଉଳ ବଂଟନ କିପରି ସୁଷମଭାବେ କରାଯିବ, ସେଥିପାଇଁ ସମସ୍ତ ଡିଲର ବିଶେଷଭାବେ ଧ୍ୟାନ ଦେବା ପାଇଁ ଶ୍ରୀ ଜୟସିଂହ ସମସ୍ତ ଡିଲରମାନଙ୍କୁ ଅନୁରୋଧ କରିବା ସହିତ ଚାଉଳ ଦେବା ସମୟରେ ଟିପ ଚିହ୍ନ ନେବାପାଇଁ ଅନୁରୋଧ କରିଥିଲେ ।

## ୭ ତାରିଖରୁ ମାଗଣା ଚାଉଳ ବଂଟନ

କଣାସ,୭/୬ (ନି.ପ୍ର): କୋଭିଡ୍ ଦ୍ୱିତୀୟ ଲହର ଯୋଗୁଁ ଗରିବ ଓ ଆର୍ଥିକ ସ୍ୱଚ୍ଛଳ ନଥିବା ଲୋକମାନେ ଘରେ ରହି ଦୁର୍ଦ୍ଦଶା ଭୋଗ କରୁଥିବାରୁ କେନ୍ଦ୍ର ସରକାର ମଇ ଓ ଜୁନ୍ ଦୁଇ ମାସର ରାସନ ଚାଉଳ ଦିଆଯିବା ପାଇଁ ଘୋଷଣା କରିଥିଲେ । ସେହିପରି ମାଗଣା ଚାଉଳ ପୁରୀ ଜିଲ୍ଲା କଣାସ ବ୍ଲକରେ ୭ ତାରିଖ ଠାରୁ ବଂଟନ କରାଯିବା ପାଇଁ ବିଡିଓ ନିଷ୍ପତି କରିଛନ୍ତି । ମାଗଣା ଚାଉଳ ନେବା ସମୟରେ ରାସନ କାର୍ଡ ଧାରୀମାନେ ଟିପଚିହ୍ନ ଦେଇ ଡିଲରମାନଙ୍କ ଠାରୁ ସକାଳ ୭ଟାରୁ ୧୧ଟା ମଧ୍ୟରେ ଚାଉଳ ନେବା ପାଇଁ କଣାସ ବ୍ଲକ ବିଡିଓ ଲୋଚନ ଦାସ ସମସ୍ତ ରାସନକାର୍ଡ ଧାରୀମାନଙ୍କୁ ନିବେଦନ କରିଛନ୍ତି ।

## ରାସ୍ତା କଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଖୋର୍ଦ୍ଧା,୭/୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆପଡ଼ା ନିକଟ ରାସ୍ତା କଡ଼ରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି । ଉଦ୍ଧାର ହୋଇଥିବା ଏହି ଶିଶୁକନ୍ୟାକୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି । ପରେ ନବଜାତ ଶିଶୁକନ୍ୟାକୁ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଶିଶୁଟି ସାମାନ୍ୟ ଅସୁସ୍ଥ ଥିବା ସୂଚନା ମିଳିଛି । ଘଟଣା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆଜି ସଟ୍ ଡାଉନ୍ ଥିବାରୁ ଆସନ୍ତା କାଲି ଏ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଝାରସୁଗୁଡା ଜିଲ୍ଲା ପୌରାଂଚଳରେ ଯୁବବର୍ଗଙ୍କୁ ଟିକାକରଣର ଶୁଭାରମ୍ଭ

ଝାରସୁଗୁଡା,୭/୬ (ନି.ପ୍ର): ଓଡିଶା ସରକାରଙ୍କ ନିର୍ଦ୍ଦେଶାନୁକ୍ରମେ ଜିଲ୍ଲାର ଝାରସୁଗୁଡା ପୌରାଂଚଳର ୨୦ଟି ଟୀକାକରଣ କେନ୍ଦ୍ର ଠାରେ ୧୮ ରୁ ୪୪ ବର୍ଷ ବର୍ଗର ପଂଜୀକୃତ ହିତାଧିକାରୀ ମାନଙ୍କୁ କୋଭିଡ-୧୯ ଟୀକା ଦେବାର ବ୍ୟବସ୍ଥା କରାଯାଇଛି ଓ ପ୍ରତ୍ୟେକ ଟୀକାକରଣ ସ୍ଥାନରେ ୨୦୦ ଜଣ ହିତାଧିକାରୀ ଟୀକା ନେଇପାରିବେ । ଏହା ସକାଳ ୯ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁ ରହିବ ଓ କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଂଚପଡା ଏବଂ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଝାରସୁଗୁଡା ଠାରେ ଏହା ସକାଳ ୮ଟା ଠାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଲୁ ରହିବ ଓ ଅନ୍ୟ ୧୭ଟି ଟୀକାକରଣ କେନ୍ଦ୍ରରେ ସକାଳ ୯ଟା ଠାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟୀକାକରଣ ଚାଲୁ ରହିବ । ସରକାରଙ୍କ ଦ୍ୱାରା ପରିଚାଳିତ ଏହି ୧୬ଟି ଟି ସ୍ଥାନ ଯଥା;(ମନମୋହନ ସ୍କୁଲ, ସରବାହଲ ହାଇସ୍କୁଲ , ଡ଼ିଏଭି ସ୍କୁଲ, ସୁନାରୀମୁଣ୍ଡା, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ଦ୍ୱୋଡିହି ,ଏକାତାଲି ହାଇସ୍କୁଲ , ମାଲିମୁଣ୍ଡା ହାଇସ୍କୁଲ, ପଂଚପଡା ହାଇସ୍କୁଲ , ବାଳିକା ଉଚ୍ଚ ବିଦ୍ୟାଳୟ ,ମଙ୍ଗଳ ବଜାର ,ପୁରୁଣାବସ୍ତି ହାଇସ୍କୁଲ ,କେନ୍ଦ୍ରୀୟ ବିଦ୍ୟାଳୟ, ରେଲ୍ୱେ କଲୋନୀ, ସେଂଟଥୋମାସ ପବ୍ଲିକ ସ୍କୁଲ ,ବଢ଼େଇ ମୁଣ୍ଡା, ସେଂଟମେରୀ ସ୍କୁଲ , କକ୍ସ କଲୋନୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଂଚପଡା, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଝାରସୁଗୁଡା ଏବଂଓସାପ ହସ୍ପିଟାଲ) ଠାରେ ମାଗଣାରେ ଟୀକା ପ୍ରଦାନ କରାଯିବ। ଅବଶିଷ୍ଟ ୪ଟି ବେସରକାରୀ ଅନୁଷ୍ଠାନ ଯଥା ; ସମଲେଶ୍ୱରୀ ନର୍ସିଙ୍ଗ ହୋମ, ସଂଜୀବନୀ ହସ୍ପିଟାଲ, ସେଂଟମେରୀ ହସ୍ପିଟାଲ ଏବଂ ଆପୋଲୋ କ୍ଲିନିକ,ସରବାହାଲ ଠାରେ ହିତାଧିକାରୀଙ୍କୁ ୧୦୦ ଟଙ୍କା କେନ୍ଦ୍ର ପରିଚାଳନା ଖର୍ଚ୍ଚ ବାବଦରେ ଦେବା ପାଇଁ ନିର୍ଦ୍ଦେଶ ରହିଛି ଓ ପ୍ରତ୍ୟେକ ହିତାଧିକାରୀ ଟୀକା ନେବା ପୂର୍ବରୁ ପୁନଶ୍ଚ କୋୱିନ ରେ ଏକ ଟୀକାକରଣ ସ୍ଥାନ ସଂରକ୍ଷଣ କରିବାକୁ ପଡିବ । ଏଣୁ ଆପଣମାନଙ୍କୁ ବିଶେଷ ଅନୁରୋଧ ନିର୍ଦ୍ଧାରିତ ସ୍ଥାନ ଏବଂ ସମୟ ମଧ୍ୟରେ ସମସ୍ତ କୋଭିଡ ନିୟମ ପାଳନ କରି ଟୀକା ଗ୍ରହଣ କରିବେ ।

# ଛତ୍ରପୁର ସହରରେ ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ଟିକାକରଣ

ଗଞ୍ଜାମ,୭/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଛତ୍ରପୁର ସହରରେ ଆସନ୍ତା କାଲି ଠାରୁ ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ପାଇଁ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥି ସକାଶେ ୬ ତାରିଖ ସଂନ୍ଧ୍ୟା ୬ଟା ଠାରୁ ଟୀକାକରଣ ପାଇଁ ନିଜ ନିଜର ସ୍ଲଟ୍ ଅନ୍ ଲାଇନ୍ ମାଧ୍ୟମରେ ବୁକିଂ କରିବାକୁ ସମୟ ଧାର୍ଯ୍ୟ ହୋଇଛି । ଛତ୍ରପୁର ଉପଖଣ୍ଡ ଡ଼ାକ୍ତରଖାନା ପରିସର, ରିକାପଲ୍ଲୀ କଲ୍ୟାଣ ମଣ୍ଡପ, ପୂତି ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ ଟୀକାକରଣ କେନ୍ଦ୍ର ଖୋଲାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି ଘୋଷଣା ପରେ ସହରବାସୀ ଆଶ୍ୱସ୍ତ ହୋଇଛନ୍ତି । ୧୮ରୁ ୪୪ ବର୍ଷ ବୟସ୍ର ବ୍ୟକ୍ତିଙ୍କ ଟୀକାକରଣ ପାଇଁ ଛତ୍ରପୁରରେ ସୁବିଧା ନଥିବାରୁ ସହରବାସୀ ବ୍ରହ୍ମପୁର ଆସି ଟୀକା ନେଉଥିଲେ । ସହର ବାସୀଙ୍କ ସମେତ ଛତ୍ରପୁର କଂଗ୍ରେସ କମିଟି ଓ ୟୁଥ୍ ମାସ୍ ସେବାସଂଘ ଏବଂ ଯୁବକ ମାନେ ଏନେଇ ପୂର୍ବରୁ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

# ସରପଂଚ ସହ ବିଧାୟକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

କେନ୍ଦ୍ରାପଡ଼ା,୭/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ୭ଟି ପଂଚାୟତର ବିଭିନ୍ନ ସମସ୍ୟା ସମାଧାନ ଉପଲକ୍ଷେ ସେହି ପଂଚାୟତର ସରପଂଚଙ୍କ ଓ ବ୍ଲକ ପ୍ରଶାସନ ସହିତ ବିଧାୟକ ଶଶି ଭୂଷଣ ବେହେରା ସମୀକ୍ଷା ବୈଠକ କରିଥିଲେ । କେନ୍ଦ୍ରାପଡା ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଚକ୍ରୋଡା, ଆୟବା, କଂସାର, କପାଳେଶ୍ୱର, କୁତରଙ୍ଗ, କେଶପୁର ଓ ଧୂମାତ ପଂଚାୟତ ଗୁଡିକର ମୁଖ୍ୟ ସମସ୍ୟାକୁ ନେଇ ଆଲୋଚନା କରାଯାଇ ଥିଲା । ଆୟବା ଠାରେ ଥିବା ଜିଲ୍ଲାର ଏକମାତ୍ର ସରକାରୀ ଜୁନିୟର ସାଇନ୍ସ କଲେଜର ସୁରକ୍ଷା ପାଚେରୀ, ସାଇକେଲ ଷ୍ଟାଣ୍ଡ ଓ କଲେଜର ପୁରୁଣା ଘର ଗୁଡିକର ମରାମତି ତଥା ନବୀକରଣ କାର୍ଯ୍ୟ କରାଯାଇ ନଥିବାରୁ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଦାନ ସମେତ ସୁରକ୍ଷା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ କଂସାର ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ନେତୃତ୍ୱରେ ସମସ୍ତ ସରପଂଚ ଦାବି ଉପସ୍ଥାପନ କରିଥିଲେ । ସେହିଭଳି ସାନ୍ତସାହି ପୋଲ ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଓ ସେଠାରୁ ପଟ୍ଟାମୁଣ୍ଡାଇ - ରାଜନଗର ପ୍ରଭୃତି ଅଂଚଳ ଓ ମାର୍ଶାଘାଇ ମହାକାଳପଡା ଆଦି ଅଂଚଳକୁ ସଂଯୋଗ କରୁଥିଭା ଏହି କେନାଲ ବନ୍ଧ ରାସ୍ତାଟି ଅତ୍ୟନ୍ତ ସଂକୀର୍ଣ୍ଣ ଓ ଖାଲଖମାରେ ଭରି ରହିଥିବାରୁ ଏହାକୁ ପ୍ରଶସ୍ତି କରଣ କରିବା ପାଇଁ ସରପଂଚ ମାନେ ଦାବି କରିଥିଲେ । କେନ୍ଦ୍ରାପଡା ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାଟି ବର୍ଷସାରା ଜନ ସାଧାରଣଙ୍କ ପାଇଁ ଦୁର୍ଘଟଣା ପ୍ରବଣ ରାସ୍ତା ଭାବେ ସାବ୍ୟସ୍ତ ହୋଇ ଆସିଛି । ସେହିଭଳି ବିଭିନ୍ନ ପଂଚାୟତରେ ଥିବା ଆରଡି ରାସ୍ତା, ଜଳ ନିଷ୍କାସନ ପାଇଁ କଲଭଟ ନିର୍ମାଣ, ହିତାଧିକାରୀ ମାନଙ୍କୁ ରାସନକାର୍ଡ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଆବେଦନକାରୀ ମାନଙ୍କ ଦରଖାସ୍ତକୁ ମଞ୍ଜୁର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରିବା ଓ ଅନ୍ତଦ୍ୱୟ ଯୋଜନା ହିତାଧିକାରୀ ମାନଙ୍କ ଦାବି ପୂରଣ କରିବା ଆଦି ବିଷୟରେ ସରପଂଚ ମାନେ ବିଧାୟକ ଶ୍ରୀ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ । ଏହି ବୈଠକରେ ବ୍ଲକ ଚେୟାରମ୍ୟାନ ଶିବ ପ୍ରସାଦ ଭୋଳ, ବି.ଡି.ଓ ଅଶ୍ୱିନୀ କୁମାର ଦାସ, ଏ.ବି.ଡି.ଓ ଅନିରୁଦ୍ଧ ବେହେରାଙ୍କ ସମେତ ବସନ୍ତ ରାଉତ, ଗଗନ ବିହାରୀ ସାହୁ, ସୀତା ସୁନ୍ଦରୀ ମଲିକ, ଗାୟତ୍ରୀ ମହାନ୍ତି, ନରହରି ପାଣି, ପୂର୍ଣ୍ଣେନ୍ଦୁ ପ୍ରେମାନନ୍ଦ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୀତ ଗାଇ ପରିବେଶ ସଚେତନତା କଲେ ଓଡିଶା ଜୀବିକା ମିଶନ କର୍ମକର୍ତ୍ତା

ମାଲକାନଗିରି,୭/୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ତାଣ୍ଡବାଇ ପଂଚାୟତ କାର୍ଯ୍ୟାଳୟ ପରିସରରେ ଓଡିଶା ଜୀବିକା ମିଶନ ପକ୍ଷରୁ ନିଆରା ଢଙ୍ଗରେ ଏମବିକେ ଅଞ୍ଜଳି ମାକାଲ ,ବ୍ୟାଙ୍କ ମିତ୍ର ସୁପ୍ରିୟା ଜେନା ଏବଂ ସିଆରପି ମାନେ ଗୀତ ଗାଇ ବା ସହ ପରିବେଶ ଉପରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ମାନଙ୍କୁ ସଚେତନତା କରାଇଥିବାର ଦେଖି ବାକୁ ମିଳିଥିଲା । ବ୍ୟାଙ୍କ ମିତ୍ର ସୁପ୍ରିୟା ଜେନା ସବୁବେଳେ ଯେ କୌଣସି ଦିବସରେ ନିଜେ ରଚିତ ଗୀତ ଗୁଡିକୁ ନିଜ କଣ୍ଠ ରେ ଗାଇ ଚର୍ଚ୍ଚାରେ ଆସିଛନ୍ତି ।ଏହି ବିଶ୍ୱ ପରିବେଶ ଦିବସ ଅବସରରେ ଏପରି ଅଭିନୟ ପ୍ରୟାସ କୁ ଅଂଚଳବାସୀ ଏବଂ କାଲିମେଳା ବ୍ଲକ ଓଡିଶା ଜୀବିକା ମିଶନ ପ୍ରୋଜେକ୍ଟ ମ୍ୟାନେଜର ରୋଜାଳିନୀ ଦାସ ଏବଂ ମାଲକାନଗିରି ଡିପିଏମ ପବିତ୍ର ମୋହନ ବାରା ସମେତ ତାଣ୍ଡବାଇ ପଂଚାୟତ ର ସମସ୍ତ ବ୍ୟାଙ୍କମିତ୍ର , ଏମ ବି କେ ଏବଂସିଆରପି ମାନଙ୍କୁ ପ୍ରଶଂସା କରିଛନ୍ତି ।ଏହି ଅବସରରେ ପଂଚାୟତ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା !

## ମଦ ବୋଝେଇ ବୋଲେରୋ ଜବତ

ଭଦ୍ରକ,୭/୬ (ନି.ପ୍ର): ଆଜି ପୁରୁଣାବଜାର ଥାନା ପୁଲିସ୍ ରାତ୍ରିକାଳିନୀ ପାଟ୍ରୋଲିଂ କରୁଥିବାବେଳେ ଏକ ମଦ ବୋଝେଇ ବୋଲେରୋକୁ ଜବତ କରିଛନ୍ତି । ତେବେ ଅନ୍ଧାରର ସୁଯୋଗରେ ଗାଡିଭିତରେ ଥିବା ବ୍ୟକ୍ତିମମାନେ ଫେରାର ହୋଇଯାଇଥିବାର ଜଣାପଡିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଆଜି ପୁରୁଣାବଜାର ଥାନାଧିକାରୀ ଗଣେଶ୍ୱର ପ୍ରଧାନ ପେଟ୍ରୋଲିଂ କରୁଥିବାବେଳେ ମିର୍ଜାପୁର ପେଟ୍ରୋଲ ପମ୍ପ ନିକଟ ଗଳିରୁ ଏକ ଧଳାରଂଗର ବୋଲେରୋ ବାହାରି ପୁଲିସ୍ ଗାଡିକୁ ଦେଖି ଦ୍ରୁତଗତିରେ ପଳାୟନ କରିଥିଲା। ପୁଲିସ୍ ତାହାକୁ ପିଛା କରିବାରୁ ସେ ସରକାର ନଗର ଖାନ୍‌କା ନିକଟରେ ହମ୍ପସ୍ ଥିବାରୁ ସେଠାରେ ଅଟକିଯାଇଥିଲା। ମାତ୍ର ପୁଲିସ୍ ପହଂଚିବାବେଳକୁ ଗାଡିରେ ଥିବା ବ୍ୟକ୍ତିମାନେ ଅନ୍ଧାରର ସୁଯୋଗରେ ଫେରାର ହୋଇଯାଇଥିଲେ। ପୁଲିସ୍ ଗାଡି ଭିତରୁ ୨ ଶହ ଲିଟର ମଦ ଓ ଗାଡିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩ଶହ ଲିଟର ଦେଶୀ ରନ୍ଧା ମଦ ଜବତ: ୩ ଗିରଫ

ଧର୍ମଶାଳା,୭/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ସଫଳତା । ଆଜି ଏକ ମାରୁତି କାରୁ ୩ଶହ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି । ଗିରଫ ହୋଇଥିବା ଯୁବକମାନେ ହେଲେ ଗାଡିର ଚାଳକ ଜିତେନ୍ଦ୍ର ଦାସ (୩୨)ଓ ତାର ଦୁଇ ସହଯୋଗୀ ନିର୍ମଳ ମଳିକ (୩୦) ଓ ରାଜୁ ମଳିକ (୩୧) ବୋଲି ଜଣାପଡିଛି । ସେମାନଙ୍କ ଘର ଢେଙ୍କାନାଳ ଜିଲା ଭୁବନ ଅଂଚଳର ବୋଲି ଜଣାପଡିଛି ।

ସୂଚନା ମୁତାବକ ଆଜି ସକାଳେ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସଦଳବଳେ ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ନିକଟରେ ପାଟ୍ରୋଲିଂ ସମୟରେ ଏକ ମାରୁତି ସୁଇପଟ୍ ଡିଜେଆର କାର (ଓଡି ୦୫ଏଡବ୍ଲୁ ୯୮୪୧) ସନ୍ଦେହ କରି ଅଟକାଇଥିଲେ । ଏବଂ ତଦନ୍ତ ବେଳେ କାର ଡିକିରେ ଏକ ବ୍ୟାରେଲରେ ମଦ ଥିବା ଜାଣିବାକୁ ପାଇଥିଲେ । ତେବେ ଗାଡି ସହ ସେମାନଙ୍କୁ ଥାନାକୁ ନେଇ ତଦନ୍ତ କରିଥିଲେ । ଏହି ବ୍ୟାରେଲରେ ୩ଶହ ଲିଟର ଦେଶୀ ରନ୍ଧା ମଦ ଥିବା ଜଣାପଡିଥିଲା । ଏହି ୩ ଜଣ ଯୁବକ କାରରେ ଆଣି ଦୀର୍ଘ ଦିନ ହେବ ବାଲିଚନ୍ଦ୍ରପୁର,ବଡଚଣା ଓ ଧର୍ମଶାଳା ଥାନା ଅଂଚଳରେ ବିଭିନ୍ନ ସ୍ଥାନକୁ ବିକ୍ରୀ କରିବାକୁ ଆଣିଥାନ୍ତି । ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି ।

# ନଦୀରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ: ପୋଲିସର ତଦନ୍ତ ଜାରି

ଧର୍ମଶାଳା,୭/୬ (ନି.ପ୍ର): ବ୍ରାହ୍ମଣୀ ନଦୀରେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ କୁଣ୍ଡପାଟଣା- ସାମାନ୍ତରାପୁରକୁ ସଂଯୋଗ କରୁଥିବା ନିର୍ମାଣଧୀନ ବିଜୁ ସେତୁ ନିକଟରେ । ମୃତ ମହିଳା ଜଣକ ହେଲେ କେନ୍ଦୁଝର ଜିଲା ଛୋଟରାୟ ମୁଣ୍ଡାଙ୍କ ପତ୍ନୀ ମିନତୀ(୪୫) ବୋଲି ଜଣାପଡିଛି । ତେବେ ଅଳ୍ପ ପାଣିରେ ମିନତୀ ପାଣିରେ ବୁଡି ମରିବା ନେଇ ସନ୍ଦେହ ସୃଷ୍ଟି କରିଛି । ମିନତୀ ସୁଦୂର କେନ୍ଦୁଝରରୁ ଆସି କୁଣ୍ଡପାଟଣା ଗ୍ରାମରେ ଏକ ରାଜ ମିସ୍ତ୍ରୀ ପାଖରେ ରହି ଦିନ ମଜୁରୀଆଭାବେ କାମ କରୁଥିଲେ । ଏନେଇ ପୋଲିସର ତଦନ୍ତ ଜାରି ରହିଛି । କେସ୍ ନଂ ୧୯୧୨୧ରେ ଏକ ମାମଲା ରୁଜୁ କରିବା ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ସୂଚନା ମୁତାବକ ମିନତୀଙ୍କ ସ୍ୱାମୀ ତାଙ୍କୁ ଛାଡି ଦେବା ଫଳରେ ପେଟ ପାଟଣା ପାଇଁ ସେ ସମ୍ପର୍କୀୟ ଧରମ ଭାଇ ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ସିଲୁଙ୍କଟପଡା ଗ୍ରାମକୁ ଯାଇ କାମଧନ୍ଦା କରୁଥିଲା । ସେଠାରେ ୩ ବର୍ଷ ପରେ କାମ ଛାଡି ଯାଜପୁର ଜିଲା କୁଣ୍ଡପାଟଣା ଗ୍ରାମକୁ ଆସି ରାଜମୀସ୍ତ୍ରୀ ମାଗୁଣୀ ସାହୁଙ୍କ ଘରେ ରହି କାମ କରୁଥିଲା ଏବଂ ମିନତୀ ଜଳେଶ୍ୱରପୁର ଗ୍ରାମର ଧନେଶ୍ୱର ବେହେରାଙ୍କ ପୁଅ ଗୁନ ସହିତ କାମ ଧନ୍ଦାକୁ ଯାଏ । ତେବେ ଆଜି ଅପରାହ୍ନରେ ମିନତୀ ଓ ଗୁନ ଦୁହେଁ ମଦ୍ୟପାନ କରି ବ୍ରହ୍ମଣୀ ନଦୀ ଆଡେ ଯାଇଥିଲେ । ଗୁନ ନଦୀ କୂଳେ ପଡିଥିବା ବେଳେ ମିନତୀ ପାଣିରେ ପଡି ଯାଇଥିଲେ । କିଛି ଲୋକେ ପାଣିରେ ଦୁହେଁ ପଡିଥିବା ଦେଖି ସଦର ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପଂହଚି ମୃତ ଦେହକୁ ଜବତ କରି ତଦନ୍ତ ଚଳାଇବା ସହ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ମୃତା ମୀନତୀ ଦେହରେ ଅନେକ ସ୍ଥାନରେ ଚିହ୍ନ ରହିଥିବା ବେଳେ ଅଳ୍ପ ପାଣିରେ ବୁଡି ମରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି ଏବଂ ଏହି ଘଟଣାରେ ସିଲୁଙ୍କଟପଡା ଗ୍ରାମର ଧରମଭାଇ ଓ ଗୁନକୁ ପୋଲିସ ଥାନାକୁ ନେଇ ପଚରାଉଚୁରା କରୁଛି ।

# ଓଡିଶା ସାମ୍ବାଦିକ ୟୁନିୟନ ଖଜୁରିପଡା ପକ୍ଷରୁ ଗରିବଙ୍କୁ ରାସନ ବଣ୍ଟନ

## କୋଭିଡ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ: ରାଜ୍ୟ ସଭାପତିଙ୍କ ପ୍ରଶଂସା

କନ୍ଧମାଳ,୭/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ଅଂଚଳରେ ଥିବା ଅପହଂଚ ଇଲାକା ଗୁଡିକରେ ରହୁଥିବା ଗ୍ରାମାଂଚଳର ୬୨ ଟି ପରିବାରର ଲୋକଙ୍କୁ କୋଭିଡ କଟକଣା ଲକଡାଉନ ବେଳେ ଦୋକାନ ବଜାର ବନ୍ଦ ରହୁଥିବାରୁ ଲୋକଙ୍କୁ ସଠିକ ଭାବରେ ରାସନ ସାମଗ୍ରୀ ମିଳିବାରେ ଅସୁବିଧା ଭୋଗିବାକୁ ପଡୁଛି । ତେଣୁ ଗ୍ରାମାଂଚଳର ଲୋକଙ୍କୁ ବିଭିନ୍ନ ପ୍ରକାରର ରାସନ ସାମଗ୍ରୀ ବଣ୍ଟନ କରିଛନ୍ତି ଓଡିଶା ସାମ୍ବାଦିକ ୟୁନିୟନ କନ୍ଧମାଳ ଶାଖାର ଖଜୁରିପଡା ବ୍ଲକର ସାମ୍ବାଦିକ ସଦସ୍ୟ ମାନେ । ଜିଲ୍ଲା ସାମ୍ବାଦିକ ୟୁନିୟନର ଉପ-ସଭାପତି ବଳଦେବ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଜୁରିପଡା ବ୍ଲକର ତହସିଲଦାର ଶ୍ରୀମତୀ ସ୍ୱର୍ପ୍ନିତା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବରେ ଖଜୁରିପଡା ରାଜସ୍ୱ ନିରୀକ୍ଷକ ଅମିୟ ଭୂଷଣ ରାମ,ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ କୃପାସିନ୍ଧୁ ସାହୁ ଏବଂ କୁଦା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଖଜୁରିପଡା ବ୍ଲକର କୁଦା,ଦାରେଜୁ ଓ ମୁଣ୍ଡାବ୍ରଡି ଭଳି ଗ୍ରାମକୁ ଯାଇ ସେଠାରେ ରହୁଥିବା ଲୋକଙ୍କୁ ରାସନ ସାମଗ୍ରୀ, ମାସ୍କ,ସାନିଟାଇଜର ଏବଂ ସାବୁନ ଅଅଦି ଜିନିଷ ସବୁ ବଣ୍ଟନ କରାଯାଇଛି । ଏହାସହିତ ସେମାନଙ୍କ ଭିତରେ କୋଭିଡ ସଂକ୍ରମଣ ବାବଦରେ ତଥା କୋଭିଡ ଟୀକା ନେବାକୁ ସଚେତନତା କରାଯାଇଛି । ସାମାଜିକ ଦୂରତା ବଜାୟ ରଖି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପ୍ରମୋଦ କୁମାର ମଲ୍ଲିକ ଏବଂ ମିନାକ୍ଷୀ ସାହାଣୀଙ୍କ ସମେତ ଖଜୁରିପଡାର ଓୟୁଜେ ଉପସଭାପତି ସାମ୍ବାଦିକ ବଳଦେବ ବେହେରାଙ୍କ ସମେତ ସଦସ୍ୟ ଗୌରଚରଣ ବେହେରା, ଅନନ୍ତ କୁମାର ଦିଗାଲ, ସତ୍ୟପ୍ରିୟ ମହାପାତ୍ର, ହୃଷିକେଶ ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ରାସନ ସାମଗ୍ରୀ ବଣ୍ଟନରେ ସହାୟାତା କରିଥିଲେ । ଆସନ୍ତକାଲି ଖଜୁରିପଡା ଅଂଚଳରେ ମଧ୍ୟ ଏହି ରାସନ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଉପସଭାପତି ବଳଦେବ ବେହେରା କହିଛନ୍ତି । ଖଜୁରିପଡା ସାମ୍ବାଦିକ ମାନେ ସେମାନେ କାର୍ଯ୍ୟ କରୁଥିବା ଗ୍ରାମାଂଚଳର ଲୋକଙ୍କର ଅସୁବିଧା ସମୟରେ ସେମାନଙ୍କୁ ଏହିଭଳି ସହାୟତା କରି ପ୍ରକୃତ ସାମ୍ବାଦିକତାର ପରିଚୟ ଦେଇଛନ୍ତି ବୋଲି ଓୟୁଜେ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା କହିଛନ୍ତି । ଏହାସହିତ ଓୟୁଜେର ରାଜ୍ୟ ସଭାପତି ପ୍ରଶନ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ ଖଜୁରିପଡାର ସାମ୍ବାଦିକ ତଥା ଓୟୁଜେ ସଦସ୍ୟ ମାନଙ୍କର ଭୂୟୀୟସୀ ପ୍ରଶଂସା କରିଛନ୍ତି । ସେମାନଙ୍କର ଏହି କାର୍ଯ୍ୟରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଛି ।

## ମେଥି ଶାଗ ପରଟା

ମେଥି ସ୍ୱାସ୍ଥ୍ୟ ପାଇଁ ଯେତିକି ଗୁଣକାରୀ ଏଥିରେ ପ୍ରସ୍ତୁତ ଖାଦ୍ୟ ମଧ୍ୟ ଖୁବ୍ ପାଟିସୁଆଦିଆ । ମେଥି ଶାଗଠାରୁ ଆରମ୍ଭ କରି ମେଥି ପରଟା, ମେଥି ପନିର ଆଦି ବିଭିନ୍ନ ଖାଦ୍ୟ ମେଥିରୁ ପ୍ରସ୍ତୁତ କରାଯାଇଥାଏ ।




**ପ୍ରସ୍ତୁତ ପ୍ରଣାଳୀ:**

ମେଥି ଡେମ୍ଫରୁ ଶାଗକୁ ଅଲଗା କରି ବାହାର କରି ଦିଅନ୍ତୁ । ଏହାକୁ ଭଲ ଭାବରେ ପାଣିରେ ଧୋଇ ଛାଣି ଚୂନା ଚୂନା କରି କାଟି ଦିଅନ୍ତୁ । ପରେ ଶାଗକୁ କଡ଼ାଇରେ ଅଳ୍ପ ପାଣି ଓ ଲୁଣ ଦେଇ ସିଝାଇ ଦିଅନ୍ତୁ । ପାଣି ମରିଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏକ ପାତ୍ରରେ ଅଟା, ବେସନ, ଲାଲ ଲଙ୍କା ପାଉଡର, ଲୁଣ, ଦହି, ଚିମୁଟାଏ ହେଙ୍ଗୁ ଆଦି ପକାଇ ପାଣିଦେଇ ଚକଟି ଦିଅନ୍ତୁ । ଏବେ ଏହାକୁ ଗୋଲା କରି ଏହା ମଧ୍ୟରେ ଅଳ୍ପ ଶାଗ ଦେଇ ବେଲଣା ପଟାରେ ବେଲି ପରଟାରେ ସେପ୍ ଦିଅନ୍ତୁ । ତାୱା ଗରମ କରି ପରଟା ପକାନ୍ତୁ । ପରଟା ଭଲ ଭାବରେ ହୋଇ ଗଲେ ଏଥିରେ ରିଫାଇନ ତେଲ ଦେଇ ପରଟା ଲାଲ ପଡ଼ିବା ପରେ ପ୍ଲେଟକୁ କାଢ଼ି ଆଣନ୍ତୁ । ଏହାକୁ ଚିଲି କିମ୍ବା ଟମାଟୋ ସସ୍ ଦେଇ ଖାଆନ୍ତୁ ଖୁବ୍ ସୁଆଦିଆ ଲାଗିବ ।

**ସାମଗ୍ରୀ:**

୨୫୦ ଗ୍ରାମ୍ ଅଟା, ଅଧାକପ୍ ବେସନ, ୧ କପ୍ ମେଥି ପତ୍ର, ଅଧା ଟିସ୍ପୁନ୍ ଜିରା, ଦେଢ଼ ଟିସ୍ପୁନ କଞ୍ଚା ଲଙ୍କା ପେଷ୍ଟ । ୧ ଛୋଟ ଚାମଚ ଶୁଖିଲା ଲଙ୍କା ପାଉଡର, ୨ ଛୋଟ ଚାମଚ ଦହି, ୧ ଟେବୁଲ ଚାମଚ ତେଲ, (ପରଟା ସେକିବା ପାଇଁ), ଲୁଣର ସ୍ୱାଦ ଅନୁସାରେ ।




## ଏମିତି ସଜାନ୍ତୁ ପିଲାଙ୍କ ରୁମ୍

ଆପଣଙ୍କ ପିଲା ଛୋଟ । ଏହା ବୋଲି ତାର ପସନ୍ଦ, ନାପସନ୍ଦକୁ ତ ଆଉ ଅଣଦେଖା କରିପାରିବେ ନାହିଁ । ଯେମିତିକି ତା'ର ରୁମ୍ । ପିଲାର ଏକ ନିଜସ୍ୱ ଦୁନିଆ ଅଛି । ସେହି ଅନୁସାରେ ତାର ରୁମ୍ ସଜାଇବା ଦରକାର । ପିଲାର ରୁମ୍‌କୁ ଏଭଳି ଭାବେ ସଜାଇବା ଆବଶ୍ୟକ ଯେମିତି ତା' ମନ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ । ଆସନ୍ତୁ ଜାଣିବା କିପରି ସଜାଇବେ ଛୋଟ ପିଲାଙ୍କ ରୁମ୍ ।





**ରଙ୍ଗ ବେଦଭାବ ନାହିଁ:**

ଝିଅମାନଙ୍କ ପାଇଁ ଗୋଲାପି ରଙ୍ଗ ଆଉ ପୁଅମାନଙ୍କ ପାଇଁ ନୀଳ । ଏମିତି ଭାବନାକୁ ପଛରେ ପକାଇ କିଛି ନୂଆ ଚିନ୍ତା କରନ୍ତୁ । ନୂଆ ଯୁଗରେ ପିଲାର ମନକୁ ଖୁସି ରଖିପାରୁଥିଲା ଭଳି ଶେଡ୍‌ସ ବାଛନ୍ତୁ । ଯେମିତିକି କ୍ରିମ୍, ଲାଇଟ୍ ୟେଲୋ, ଅଲିଭ୍ ଗ୍ରୀନ୍ ଭଳି ରଙ୍ଗ । ଅତି ଗାଢ଼ ରଙ୍ଗ ଛୋଟ ପିଲାର ରୁମ୍ ପାଇଁ ଟିକେ ଉଦ୍ଭଟ ମନେ ହୋଇପାରେ ।

**ସ୍ମାର୍ଟ ଫର୍ନିଚର:**

ପିଲାର ରୁମ୍ ପାଇଁ ଫର୍ନିଚର ବାଛିଲା ବେଳେ ଟିକେ ଚିନ୍ତା କରିବା ଆବଶ୍ୟକ । ଅନେକ ଅଭିଭାବକ ଭାବନ୍ତି ପିଲାକୁ ଆକୃଷ୍ଟ କରିବା ପାଇଁ ତା ରୁମ୍‌ର ସମସ୍ତ ଆସବାବପତ୍ର ରଙ୍ଗୀନ କରିଦେବା ଭଲ । କିନ୍ତୁ ଏହି ଭାବନାରୁ ଆପଣ ଓହରି ଆସନ୍ତୁ । ପିଲା ରୁମ୍‌ର ପ୍ରତ୍ୟେକଟି ଆସବାବପତ୍ର ରଙ୍ଗୀନ କରନ୍ତୁ ନାହିଁ । ଚେୟାର, ଟେବଲ୍ ଆଦୌ ରଙ୍ଗୀନ କରନ୍ତୁ ନାହିଁ । ବରଂ ବୁକ୍ ସେଲ୍‌ଫି ରଙ୍ଗୀନ କଲେ ଭଲ ଲାଗିବ । କିମ୍ବା କାନ୍ଥରେ ରଙ୍ଗୀନ ବ୍ଲକ୍ ସେଲ୍ଫ ଲଗାଇ ପାରିବେ ।




**ବହିରେ ସଜାନ୍ତୁ ଥାକ:**

ପିଲାର ବୟସ ଅନୁସାରେ ଆପଣ ଭଲ ଭଲ ଗପ ବହି ଆଣିର ତା' ରୁମ୍‌ର ଶୋଭା ବଢ଼ାଇପାରିବେ । ପିଲାଙ୍କ ପାଇଁ ଆଜିକାଲି ଅନେକ ପ୍ରକାରରର ଏନ୍‌ସାଇକ୍ଲୋପିଡ଼ିଆ ମିଳୁଛି । ଆପଣ ସେସବୁରେ ତା'ର ବହି ଥାକ ସଜାଇ ପାରିବେ । ଗଛ, ପଶୁପକ୍ଷୀ, ଖେଳ ଆଦି ଉପରେ ଅନେକ ବହି ମିଳୁଛି । ଆପଣ ସେସବୁ ବହି ଆଣି ତା' ରୁମ୍‌ରେର ଏପରି ଜାଗାରେ ରଖିବେ ଯେମିତିକି ତା' ଦୃଷ୍ଟିରେ ପଡୁଥିବ ।

**ପିଲାର ପସନ୍ଦକୁ ଦିଅନ୍ତୁ ଗୁରୁତ୍ୱ:**

ନିଜ ପିଲାର ପସନ୍ଦ, ଅପସନ୍ଦକୁ ବୁଝି ସେହି ଅନୁସାରେ ତା'ର ରୁମ୍ ସଜାନ୍ତୁ । ଆପଣଙ୍କ ପିଲାର ଯଦି ସଙ୍ଗୀତରେ ରୁଚି ଅଛି ତେବେ ତା ରୁମ୍‌ରେ କୌଣସି ବାଦ୍ୟଯନ୍ତ୍ର ରଖନ୍ତୁ । ଯଦି ସେ ଆଙ୍କିବାକୁ ଭଲ ପାଉଥାଏ ତେବେ ତା' ରୁମ୍‌କୁ ଛୋଟ ବଡ଼ ପେଣ୍ଟିଂସରେ ସଜାଇ ପାରିବେ । ଯଦି ବିଜ୍ଞାନମନସ୍କ ହୋଇଥାଏ ତେବେ ପିଲାର ରୁମ୍‌ରେ ବିଜ୍ଞାନଭିତ୍ତିକ କିଛି ଜିନିଷ ରଖି ଘର ସଜାଇ ପାରିବେ ।





**ସୃଜନଶୀଳତାକୁ ପ୍ରାଥମିକତା:**

ଟ୍ରି ହାଉସ୍, ଟେଣ୍ଟ, ସ୍ପେସ୍‌ସିପ୍ ଭଳି ଜିନିଷ ତିଆରି ପିଲାର ରୁମ୍ ସଜାଇ ପାରିବେ । ଏହାଦ୍ୱାରା ପିଲା ନିଜ କୋଠରୀକୁ ତା'ର ଏକ ବିଶାଳ ଦୁନିଆ ବୋଲି ଭାବି ପାରିବ । ତାର ନିଜସ୍ୱ ଦୁନିଆରେ ମନଖୁସିରେ ରହିଲେ ସେ ହୁଏତ ଅନେକ ସୃଜନଶୀଳ କାମ କରିପାରିବେ ।

## ଟିସାର୍ଟ ଡ୍ରେସ୍

ସବୁଦିନ ଏକା ପ୍ରକାର ଷ୍ଟାଇଲ୍ ଭଲ ଲାଗେନି । ଷ୍ଟାଇଲ ବଦଳାଇବା ପାଇଁ ଡିଜାଇନ୍‌ର ଆଉଟଫିଟ୍ ଆବଶ୍ୟକ ହୁଏ । ହେଲେ କେଉଁ ଆଉଟଫିଟ୍ ଭଲ ମାନିବ ଅନେକେ ଜାଣିପାରନ୍ତି ନାହିଁ । ଆପଣ ଯଦି ଷ୍ଟାଇଲରେ କିଛି ନୂଆ ଚେଞ୍ଜ ଆଣିବାକୁ ଚାହୁଁଛନ୍ତି, କ୍ୟାରି କରନ୍ତୁ ଟିସାର୍ଟ ଡ୍ରେସ୍ । ତେବେ ଟିସାର୍ଟ ଡ୍ରେସ୍‌ରେ କେମିତି ଷ୍ଟାଇଲ କରିବେ ଜାଣିବା ପାଇଁ କିଛି ଟିପ୍ସ ।

**ସ୍ନିକର୍ସ ସହିତ:**

ଟିସାର୍ଟ ଡ୍ରେସ ସହିତ ସ୍ୟାଣ୍ଡେଲ ସୁଜ୍ ସବୁ ଭଲ ମାନିଥାଏ । ହେଲେ ସ୍ନିକର୍ସ ଗେମ୍ ଚେଞ୍ଜର ପରି କାମ କରିଥାଏ । ହ୍ୱାଇଟ୍ ପରିବର୍ତ୍ତେ ଆପଣ ଗୋଲ୍ଡେନ, ଅରେଞ୍ଜ, ପିଙ୍କ୍, ବ୍ଲୁ ପରି କଲର ବାଛି ପାରିବେ । ଆପଣଙ୍କୁ ଟିସାର୍ଟ ଡ୍ରେସ୍ ଷ୍ଟାଇଲ କରିବାକୁ ପଡ଼ିବ ନାହିଁ । ସ୍ନିକର୍ସ ଆପଣଙ୍କୁ ଷ୍ଟାଇଲିଶ ଲୁକ ଦେବ ।

**କ୍ୟାରି କରନ୍ତୁ ବ୍ୟାଗ:**

ଟିସାର୍ଟ ଡ୍ରେସ ପିନ୍ଧୁଥିଲେ ଆକ୍ସେସରିଜରେ ବ୍ୟାଗଟିଏ କ୍ୟାରି କରନ୍ତୁ । ଆପଣଙ୍କ ଷ୍ଟାଇଲକୁ ଏହା ଅଧିକ ପରିମାର୍ଜିତ କରିଥାଏ । ଟିସାର୍ଟ ଡ୍ରେସ୍ ସହିତ କ୍ରସ୍ ବଡି ବ୍ୟାଗ ଓ ସ୍ଲିଙ୍ଗ୍ ବ୍ୟାଗ୍ ଭଲ ମାନିଥାଏ । ଡ୍ରେସ୍ ସହିତ ମ୍ୟାଚ କରି ଏହାକୁ କ୍ୟାରି କରିପାରିବେ ।



**ବେଲ୍ଟରେ ଷ୍ଟାଇଲ:**

ଟିସାର୍ଟ ଡ୍ରେସ୍‌ରେ ବେଲ୍ଟ ଭଲ ଆଇଡିଆ । କାରଣ ଟିସାର୍ଟ ଡ୍ରେସ୍ ଢିଲା ଥାଏ । ତେଣୁ ବେଲ୍ଟ ପିନ୍ଧିଲେ ଆଦୌ ଖରାପ ଲାଗେ ନାହିଁ । ଯେକୌଣସି ବେଲ୍ଟରେ ଡ୍ରେସ୍‌କୁ ଷ୍ଟାଇଲିଶ କରିପାରିବେ । ତେବେ ଡ୍ରେସ୍‌ର ରଙ୍ଗ, ଷ୍ଟାଇଲକୁ ଦେଖି ବେଲ୍ଟ ବାଛିବା ଦରକାରୀ ।

**ସ୍କର୍ଟ ବି ଆସିବ କାମରେ:**

କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥିଲେ ଟିସାର୍ଟ ଡ୍ରେସ୍‌ରେ ସ୍କର୍ଟ ସାମିଲ କରନ୍ତୁ । ଟିସାର୍ଟ ସହିତ ନେଟ୍ ଏବଂ ଏଲାଇନ ସ୍କର୍ଟ ସୁନ୍ଦର ଲାଗିଥାଏ । ଆପଣ ଚାହିଁଲେ ଟିସାର୍ଟ ଡ୍ରେସ୍‌ରେ ନଟ୍ ବାନ୍ଧି ଜିନ୍ସ କ୍ୟାରି କରିପାରିବେ ।

**ଜ୍ୟାକେଟ:**

ଟିସାର୍ଟ ଡ୍ରେସ୍‌ରେ ଜ୍ୟାକେଟ କ୍ୟାରି କରି ସହଜରେ ଷ୍ଟାଇଲିଶ ଲୁକ ପାଇପାରିବେ । ଆପଣ ଟିସାର୍ଟ ଡ୍ରେସ୍‌ରେ ଡେନିମ, ଲେଦର, ସାର୍ଟ ଏବଂ ଲଙ୍ଗ୍ ଜ୍ୟାକେଟ ପିନ୍ଧିପାରିବେ । ଆଉଟିଂ ପାଇଁ ଏହି ଲୁକ୍ ପରଫେକ୍ଟ ।


## କେଉଁ ଖାଦ୍ୟ ଖାଇଲେ ଆସିବ ଭଲ ନିଦ ?

କିଛି ଲୋକ ଏମିତି ଅଛନ୍ତି ଯେଉଁମାନଙ୍କୁ ରାତିରେ ଠିକ୍‌ରେ ନିଦ ହୁଏ ନାହିଁ । ବିଳମ୍ବରେ ନିଦ ହେବା ବା ଅଧ ରାତି ନିଦ ଭାଙ୍ଗିଯିବା ଭଳି ସମସ୍ୟା ଏବେ ପ୍ରାୟ ସମସ୍ତଙ୍କଠାରେ ଦେଖିବାକୁ ମିଳୁଛି । ଯଦି ଆପଣ ଏଭଳି ସମସ୍ୟାର ସାମ୍ନା କରୁଛନ୍ତି ତେବେ ଏହି ସମସ୍ୟାରୁ ବଞ୍ଚିବାର ଉପାୟ ମଧ୍ୟ ଜାଣି ନିଅନ୍ତୁ । ଆସନ୍ତୁ ଜାଣିବା କେଉଁ ୯ଟି ଖାଦ୍ୟ ଖାଇଲେ ଆପଣଙ୍କର ଅନିଦ୍ରାପଣ ଦୂର ହେବ ।

୧.ଗ୍ରୀନ୍,ବ୍ଲାକ୍ ଏବଂ ହ୍ୱାଇଟ୍ ଟି : ନିୟୁଟ୍ରିସନ୍‌ନିଷ୍ଟ ରିକ୍‌ଙ୍କ କହିବା ଅନୁଯାୟୀ ଗ୍ରୀନ୍,ବ୍ଲାକ୍ ଏବଂ ହ୍ୱାଇଟ୍ ଟିରେ ଆମିନୋ ଏସିଡ ରହିଛି ଯାହାକି ଶରୀରର ନର୍ଭସ୍ ସିସ୍‌ଟମ୍‌କୁ ପୋଷଣ ଦେବା ସହ ଭଲ ନିଦ ହେବାରେ ସହାୟତା କରିଥାଏ । ଏଥିରେ ଥିବା ଏଲ୍-ଥେନାଇନ୍ ବା ଆମିନୋ ଏସିଡ ମଣିଷର ଚିନ୍ତା କମ କରିବା ସହ ଅନିଦ୍ରାପଣ ଦୂର କରେ ।

୨.କାମୋମାଇଲ : କାମୋମାଇଲ ଚା' ପିଇବା ଦ୍ୱାରା ଭଲ ନିଦ ହୋଇଥାଏ କାରଣ ଏଥିରେ ଫ୍ଲାଭୋନୋଏଡ୍ ଥାଏ ଯାହାକୁ କି ଅପିଜେନିନ୍ ବୋଲି କୁହାଯାଏ । ଏଥିରେ ଚିନ୍ତା କମ କରିବାର କ୍ଷମତା ଥାଏ ।

୩.ଡ଼ାଲ୍‌ଚିନି : ଏହା ରକ୍ତ ଶର୍କରା ସ୍ତର ଠିକ୍ ରଖିବା ସହ ନର୍ଭସ୍ ସିଷ୍ଟମ୍‌କୁ ପୋଷଣ ଦେଇଥାଏ, ଯାହା ଫଳରେ କି ମଣିଷକୁ ଭଲ ନିଦ ଆସିଥାଏ ।



୪.ଅଦା : ଅଦା ଖାଇବା ଦ୍ୱାରା ଶରୀରକୁ ସୁଫଳ ମିଳିଥାଏ । ଏଥିରେ ଜିଞ୍ଜେରଲ ଥିବାରୁ ଏହା ପେଟକୁ ଶାନ୍ତ ରଖିବା ସହ ଶରୀରକୁ ଆରାମ୍ ଦେଇଥାଏ ଏବଂ ନିଦ୍ରାହୀନତା ଦୂର କରିଥାଏ ।

୫.ଲିକୋରିସ୍ : ଅବସାଦ ଏବଂ ଚିନ୍ତାକୁ ଦୂର କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଏହାକୁ ସେବନ କରିବା ଦ୍ୱାରା ଆଡ୍ରେର୍ନାଲ ଗ୍ଲାଣ୍ଡରୁ ଷ୍ଟ୍ରେସ୍ ହରମୋନ୍ ବାହାରି ଯାଇଥାଏ ।

## ଘରର ମୂଲ୍ୟ ୩୫.୮ ଅରବ

ଆଜିର ସମୟ ଲୋକ ଘର ତିଆରି କିରବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ମନ ଊଣା କରୁନାହାନ୍ତି । କରଜ କରି କିମ୍ବା ନିଜ ସଞ୍ଚୟରୁ ବଞ୍ଚାଇ ଲୋକ ବହୁ ମୂଲ୍ୟ ବିଳାସମୟ ଘର ତିଆରି ଯୋଜନା କରୁଛନ୍ତି । ଏପରିସ୍ଥଳେ ଆମେରିକାର ଲସ୍‌ଆଞ୍ଜେଲସ୍‌ସ୍ଥିତ ବେଲ୍ ଏୟାର ପାହାଡ ଉପରେ ନିର୍ମିତ ଏକ ବିଳାସମୟ ଅଟ୍ଟାଳିକା ୩୫.୮ ଅରବ ମୂଲ୍ୟରେ ବିକ୍ରି ହୋଇଛି । ୧ଲକ୍ଷ ବର୍ଗ ଫୁଟ୍ ପରିସୀମାରେ ବହୁ ମୂଲ୍ୟ ଘରଟିକୁ ତିଆରି କରାଯାଇଥିବାର ପ୍ରକାଶ । ଆମେରିକାର ସବୁଠୁ ନାମୀ ଦାମୀ ଘର ଡିଜାଇନ୍ କରୁଥିବା ନିଲ୍ ନିୟାମି ଏଇ ଘରର ଡିଜାଇନ୍ କରିଛନ୍ତି । ଏହି ବିଳାସମୟ ଅଟ୍ଟାଳିକାର ବିଶେଷତ୍ୱ ହେଲା, ପୂରା ଲସ୍‌ଆଞ୍ଜେଲସ୍‌ର ଦୃଶ୍ୟ ଇଏ ଘରୁ ଦେଖାଯାଇଥାଏ । ଏହା ସହ ପ୍ରଶାନ୍ତ ମହାସାଗରର ସୁନ୍ଦର ଦୃଶ୍ୟ ମଧ୍ୟ ଘରୁ ଦୃଶ୍ୟମାନ ହୁଏ । ଘରର ଏକ ସ୍ୱତନ୍ତ୍ର କକ୍ଷରେ କାଚର କାନ୍ଥ ସଂଲଗ୍ନ ଆକ୍ୱାରିୟମ୍ କରାଯାଇ ରଙ୍ଗବେରଙ୍ଗର ମାଛମାନ ରଖାଯାଇଛି ।

## ଚଟଣିର ବଗିଚା


ଖାଇବା ଥାଳିରେ ଚଟଣି ରହିଥିଲେ ସାଦାସିଧା ଖାଦ୍ୟ ବି ଖୁବ୍ ରୁଚିକର ହୋଇଯାଏ । ପ୍ରାୟତଃ ଘରେ ପୋଦିନା, ଧନିଆ, ଲଙ୍କା ଚଟଣି ତିଆରି ହୁଏ । ଏବେ ଲକ୍‌ଡାଉନ ଏବଂ ସଟ୍‌ଡାଉନ ମଧ୍ୟରେ ମନପସନ୍ଦର ପନିପରିବା ଯଦି ଆଣି ପାରୁନଥାନ୍ତି, ବିଭିନ୍ନ ପ୍ରକାର ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି କରି ଖାଦ୍ୟର ସ୍ୱାଦ ବଢ଼ାଇ ପାରିବେ । ଏଥିପାଇଁ ଘରେ ଚଟଣି ବଗିଚା କରିବା ସବୁଠାରୁ ଭଲ ଉପାୟ ।

**କେମିତି କରିବେ:**

ପ୍ରତ୍ୟେକ ଭାରତୀୟଙ୍କ ରୋଷେଇଘରେ ଗୋଟା ଧନିଆ, ଶୁଖିଲା ଲଙ୍କା ନିଶ୍ଚୟ ରହିଥିବ । ଏହାକୁ ମଞ୍ଜି ଭାବେ ବ୍ୟବହାର କରାଯାଇପାରେ । ପୋଦିନା ଡାଙ୍ଗ, ଟମାଟୋ ଚାରା ମଧ୍ୟ ମିଳିପାରିବ । ପାଚିଲା ଟମାଟୋ ମଞ୍ଜିରୁ ବି ଗଛ ହୋଇପାରିବ । ପ୍ରଥମେ କୁଣ୍ଡଗୁଡ଼ିକୁ ଖତ ମାଟି



ଦେଇ ପ୍ରସ୍ତୁତ କରିବା ପରେ ସେଥିରେ ମଞ୍ଜି ଲଗାନ୍ତୁ । ପୁରୁଣା ପ୍ଲାଷ୍ଟିକ ବୋତଲ, ଟିଣ ଡବା ତଥା ଅବ୍ୟବହୃତ ବ୍ୟାଗ୍‌ରେ ବି ଏହି ଗଛ ଲଗାଇହେବ । ଗୋଟା ଧନିଆକୁ ପାଣିରେ ଭିଜାଇ ଗଜା କରିବା ପରେର ମାଟିରେ ବୁଣି ଉପରେ ଅଳ୍ପ ମାଟି ଘୋଡ଼ାଇ ଦିଅନ୍ତୁ । ଲଙ୍କା ମଞ୍ଜିକୁ ଖାଲି ବୁଣିଦେଲେ ବି ସେଥିରୁ ଗଛ ଉଠିଯାଏ । ପୋଦିନା ଡାଙ୍ଗ ବାଲିମିଶା ମାଟିରେ ପୋତିଲେ ଏହା ଭଲ ଭାବେ ବଢ଼ିପାରେ । ଟମାଟୋ ଗଛଗୁଡ଼ିକୁ ଟିକେ ଛାଡ଼ି ଛାଡ଼ି ଲଗାଇବା ଭଲ । ଗୋଟିଏ କୁଣ୍ଡରେ ବହୁତ ଗଛ ଭର୍ତ୍ତି ନକରି ସୀମିତ ସଂଖ୍ୟକ ରଖିଲେ ଏହା ଭଲ ବଢ଼ିଥାଏ । ଗୋଟିଏ ପ୍ରକାର ଗଛ ଏକାଧିକ କୁଣ୍ଡରେ ଲଗାଇଲେ ବିଭିନ୍ନ ସମୟରେ ପର୍ଯ୍ୟାପ୍ତ ପରିମାଣରେ ପାଇପାରିବେ । ନିଜ ହାତ ପାଆନ୍ତାରେ ଲଙ୍କା, ପୋଦିନା, ଧନିଆ ଏବଂ ଟମାଟୋ ମିଳିବା ପରେ ଚଟଣି କରିବା ନିଶ୍ଚୟ ସହଜ ହୋଇଯିବ ।



# ଧ୍ୱନି ପ୍ରତିଧ୍ୱନି




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଚେତନତା ଜରୁରୀ...

ଦେଶରେ ଏବେ କରୋନା ସଂକ୍ରମଣ ହାର ଦ୍ରୁତବେଗରେ ହ୍ରାସ ପାଇବାରେ ଲାଗିଛି। ରବିବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଭାରତରେ ଆରୋଗ୍ୟ ହାର ୯୩.୬୭ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ, ମାତ୍ର ୧ଲକ୍ଷ ୧୪ ହଜାର ୪୬୦ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆରୋଗ୍ୟ ହୋଇଛନ୍ତି ୧ ଲକ୍ଷ ୮୯ ହଜାରରୁ ଅଧିକ ଆକ୍ରାନ୍ତ। ଏହା କେବଳ କ୍ରମାଗତ ଭାବେ ମହାମାରୀ ଉପରେ ନିୟନ୍ତ୍ରଣ ନୁହେଁ, ଅପରପକ୍ଷେ ସରକାରଙ୍କ ପଦକ୍ଷେପ, ଜନସାଧାରଣଙ୍କ ଶୃଙ୍ଖଳା ଆଚରଣ ଏବଂ ଟିକାକରଣର ମିଳିତ ସୁଫଳ ବୋଲି କୁହାଯାଇପାରେ। ତେଣୁ ଏବେ ଦେଶର ମୋଟ୍ ସକ୍ରିୟ କରୋନା ରୋଗୀଙ୍କ ସଂଖ୍ୟା ୧୫ ଲକ୍ଷ ତଳକୁ ଖସିଆସିଛି। ଯଦି ଏହି ଧାରା ଜାରି ରହେ, ତେବେ ଜୁନ୍ ମାସ ଶେଷ ବେଳକୁ କରୋନାର ଦ୍ୱିତୀୟ ଲହରକୁ ସଂପୂର୍ଣ୍ଣ ରୂପେ କାବୁ କରାଯାଇପାରିଛି ବୋଲି ବିବେଚନା କରାଯିବ। କିନ୍ତୁ ଏହା ଅନେକ ପ୍ରସଙ୍ଗ ଉପରେ ନିର୍ଭର କରେ। ଯେଉଁଭଳି ହାସଲ କରାଯାଇଥିବା ସଫଳତା ଅନେକ ପ୍ରୟାସର ସମ୍ମିଶ୍ରଣ, ସେହିଭଳି ଏହାକୁ କାଏମ ରଖିବା ସକାଶେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। କରୋନା ହେଉ ଅବା ଅନ୍ୟ ଯେକୌଣସି ମହାମାରୀ, ଏହା ଉପରେ ସଂପୂର୍ଣ୍ଣ କାବୁ ପାଇବା ଏକ ଦୀର୍ଘକାଳୀନ ପ୍ରୟାସ। ଅତୀତର ଅନୁଭୂତିରୁ ଏହା ପ୍ରମାଣିତ ହୋଇସାରିଛି। ଏପରିକି ପ୍ରଥମ ଲହର ପରେ କରୋନାର ଦ୍ୱିତୀୟ ଲହରରୁ ମଧ୍ୟ ଭାରତ ଢ଼େର କିଛି ମହାଶିକ୍ଷା ଲାଭ କରିଛି। ତେଣୁ ତୃତୀୟ ଲହରର ଆଶଙ୍କା ମୁଣ୍ଡ ଉପରେ ଥିବା ସତ୍ତ୍ୱେ ଦେଶ ଓ ଦେଶବାସୀଙ୍କୁ ଏବେ ଆହୁରି କଠୋର ସଂଯମ ମଧ୍ୟରେ ଜୀବନ ନିର୍ବାହ କରିବାକୁ ପଡ଼ିବ। କରୋନାର ମାତ୍ରା ଓ ପ୍ରଭାବ ହ୍ରାସ ପାଉଥିବାବେଳେ ଏହା ଲକ୍ଷ୍ୟ କରିବା କଥା ଯେ, ସାରା ଦେଶରେ ଏହାର ଚିତ୍ର ସମାନ ନୁହେଁ। ପ୍ରତି ରାଜ୍ୟରେ ଏହା ଭିନ୍ନ ଭିନ୍ନ ଅବସ୍ଥାରେ ରହିଛି। କର୍ଣ୍ଣାଟକ, ତାମିଲନାଡୁ ଭଳି ରାଜ୍ୟରେ ଏହା ଏବେ ସୁଦ୍ଧା ଉଦ୍‌ବେଗଜନକ ଅବସ୍ଥାରେ ଅଛି। କିନ୍ତୁ ଦିଲ୍ଲୀରେ ଏହା ପ୍ରାୟ ନିୟନ୍ତ୍ରଣକୁ ଆସିସାରିଲାଣି, ଯେଉଁଥିପାଇଁ ଆସନ୍ତା ସପ୍ତାହ ଶେଷସୁଦ୍ଧା ସେଠାରେ ଦୋକାନବଜାର ଖୋଲିବା ଲାଗି ସରକାର ଚିନ୍ତା କରୁଛନ୍ତି। ରବିବାର ଦିନର ତଥ୍ୟ ଅନୁସାରେ, ଦିଲ୍ଲୀରେ ଏବେ ଦୈନିକ ସଂକ୍ରମଣ ସଂଖ୍ୟା ୩୮୧କୁ ଖସିଆସିଛି। କିନ୍ତୁ ମୃତ୍ୟୁସଂଖ୍ୟା ହ୍ରାସ ପାଇଥିଲେ ସୁଦ୍ଧା ଏହା ୩୮ ହୋଇଛି; ଅର୍ଥାତ ଦୈନିକ ଆକ୍ରାନ୍ତର ୧୦ ପ୍ରତିଶତ ରହିଛି। ଓଡ଼ିଶାରେ ସଂକ୍ରମଣ ଏବେ ୧୦ ପ୍ରତିଶତ ତଳକୁ ହ୍ରାସପାଇଛି, ଯାହାକି ଆଶ୍ୱସ୍ତିକର କଥା। କିନ୍ତୁ ଦୈନିକ ମୃତ୍ୟୁସଂଖ୍ୟା ୪୦ ପାଖାପାଖି ରହିବା କୌଣସି ଦୃଷ୍ଟିରୁ ଶୁଭଙ୍କର ନୁହେଁ। ଉଣା ଅଧିକେ ପ୍ରତି ରାଜ୍ୟରେ କରୋନା ନିୟନ୍ତ୍ରଣ ହାସଲ କରାଯାଉଥିଲେ ସୁଦ୍ଧା ରୋଗୀଙ୍କ ମୃତ୍ୟୁସଂଖ୍ୟାକୁ ରୋକିବାରେ ଏଯାବତ୍ ସେପରି ସଫଳତା ହାସଲ କରାଯାଇ ପାରିନାହିଁ। ତାହା ସୂଚୀତ କରେ ଯେ ଯେଉଁମାନେ ଏହି ଲହରରେ ସଂକ୍ରମିତ ହେଉଛନ୍ତି ସେମାନେ ଅଧିକ ଗୁରୁତର ହେଉଛନ୍ତି ଓ ଉପଲବ୍ଧ ଚିକିତ୍ସା ସତ୍ତ୍ୱେ ସେମାନଙ୍କ ଜୀବନ ରକ୍ଷା କରାଯାଇପାରୁନାହିଁ। ତେଣୁ କରୋନାର ପରିବର୍ତ୍ତିତ ଷ୍ଟ୍ରେନ୍ ଅଧିକ ଘାତକ ହେଉଛି ବୋଲି ଏହା ପରୋକ୍ଷରେ ପ୍ରମାଣିତ କରେ। ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜ ସ୍ତରରେ ଏବେଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କାରଣ ଯଦି ତାହା ବାସ୍ତବତାର ରୂପ ନିଏ, ତେବେ ସେଥିରେ ଗ୍ରାମାଂଚଳ ଓ ଶିଶୁବର୍ଗ ଅଧିକ ଆକ୍ରାନ୍ତ ହେବେ ବୋଲି ଆଶଙ୍କା କରାଯାଉଛି। ଅବଶ୍ୟ ବ୍ୟାପକ ଟିକାକରଣ ଦେଶର ନାଗରିକମାନଙ୍କ ପାଇଁ ଏକ ବ୍ୟାପକ ସୁରକ୍ଷା ବଳୟ ଯୋଗାଇବ। ତଥାପି ବିପଦକୁ କେବେହେଲେ ଅଣଦେଖା କିମ୍ବା ହେୟଜ୍ଞାନ କରିବା ଉଚିତ୍ ହେବନାହିଁ। ଏ ଦିଗରେ ସରକାର ଯାହା କଠୋର କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ ପଛେ, ଜନସଚେତନତା ଏବଂ ଦେଶବାସୀଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହିଁ ଏହି ମହାମାରୀ ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର ହେବ। ଲକ୍ଷ୍ୟ କରିବା କଥା, ଆମେରିକା ଓ ୟୁରୋପୀୟ ରାଷ୍ଟ୍ରମାନେ କେବଳ ଟିକାକରଣ ନୁହେଁ, ସେମାନଙ୍କ ଜୀବନଶୈଳୀକୁ ବଦଳାଇ କରୋନାଠାରୁ ନିଜକୁ ସୁରକ୍ଷିତ ରଖିପାରିଛନ୍ତି। ଯଦି ସେମାନେ ଭାରତଠାରୁ ଜନତା କର୍ଫ୍ୟୁ ଓ ଲକ୍‌ଡାଉନ୍ ଶିକ୍ଷାଲାଭ କରିଥିଲେ, ତେବେ ସେମାନଙ୍କଠାରୁ ଭାରତ ଆତ୍ମଶୃଙ୍ଖଳା ମଧ୍ୟ ଶିକ୍ଷା କରିବା ଉଚିତ୍।





## ମୁହଁରେ ହସ ଝଲେ....

ସୁଦର୍ଶନ ମହାପାତ୍ର

ନିୟତି କୋପେ ଆସିଛି ଦୁଃଖ
ହଜି ଯାଇଛି ସୁଖର ଦିନ
ଆସିଛି ମାଡି ବତାସ ଝଡି
ବିକଳ ଆଜି ଜନ ଜୀବନ
ଲଂଘିଛି ପାରାବାର
ପ୍ରମତ୍ତ ଚିତ୍ତେ ପ୍ରଳୟ ରଚେ
ଦୁନିଆ ଥର ହର ।

ଭିନ୍ନ ଆକାରେ ଭିନ୍ନ ପ୍ରକାରେ
ବାତ୍ୟା ବିପ୍ଳାତ ଧରାକୁ ଆସେ
ଜୁଆର ଆସି ଲହଡି ଭାଙ୍ଗେ
ଚାଳ ଛପର ମାଟିରେ ମିଶେ
ଉଜୁଡି ଯାଏ କ୍ଷେତ
ଗାଁ ଦାଣ୍ଡରେ ଅକାତ ପାଣି
ମିଳେନା ମୁଠେ ଭାତ ।

ବାସ ହରାଇ ଲୋଡ଼ନ୍ତି ରାହା
ଭୋକ ଉପାସେ ଆତୁର ଜନ
ପ୍ରତି ବରଷ ତାଣ୍ଡବ ଦୃଶ୍ୟ
ବିଧାତା ସତେ କେଡେ ଦାରୁଣ
ଦୁଃଖ ଦୁର୍ଦ୍ଦିନ ଆସେ
ଆଖିରେ ଲୁହ ବୁକୁରେ କୋହ
ସଂସାର କା'ର ଭାସେ ।

ଭୋଗିଛି ଦୁଃଖ ମନୁଷ୍ୟ ସିନା
ବାହିଛି ପୁଣି ସଂସାର ତରୀ
ଆଘାତ ସହି ବଞ୍ଚିଛି ପୁଣି
ଯାଇନି କେବେ ଜୀବନେ ହାରି
ଦେଖ ମାଟି ମା' କୋଳେ
ଅଣ୍ଟା ସଳଖି ହୋଇଛି ଠିଆ
ମୁହଁରେ ହସ ଝଲେ ।

+କୁଞ୍ଜବିହାରୀ ଲେନ, କଟକ



## ଗୋବଂଶ ଓ ପରିବେଶ ସଂରକ୍ଷଣରେ ଗୋକାଷ୍ଠର ଭୂମିକା

ନଳିନୀ କୁମାର ପଣ୍ଡା

> ଆଜି ଆମ ଦେଶର ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶଗଡ, ହରିୟାନା, ରାଜସ୍ଥାନ, ଝାରଖଣ୍ଡ ଆଦି ବିଭିନ୍ନ ରାଜ୍ୟର ସରକାରମାନେ ଗୋବଂଶର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ରାଜ୍ୟ ମାନଙ୍କରେ ଗୋକାଷ୍ଠର ବହୁଳ ବ୍ୟବହାର ହେଉଛି। ଏହି ସମୟରେ ଦେଶ ମଧ୍ୟ କରୋନା ମହାମାରୀ ଦେଇ ଗତି କରୁଛି ଓ ପ୍ରତ୍ୟେକ ଦିନ ହଜାର ହଜାର ଲୋକ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରୁଛନ୍ତି, ଯେଉଁମାନଙ୍କର ଦାହସଂସ୍କାର ପାଇଁ ବିପୁଳ ପରିମାଣର କାଠର ଆବଶ୍ୟକତା ପଡୁଛି। ଏହି ସମୟରେ ସରକାର କାଠ ବଦଳରେ ଗୋକାଷ୍ଠକୁ ପ୍ରାଧାନ୍ୟ ଦେଲେ ଅନେକ ଜଙ୍ଗଲ କ୍ଷୟ ହେବାରୁ ବଂଚିବା ସହିତ ପରିବେଶର ମଧ୍ୟ ସଂରକ୍ଷଣ ହୋଇପାରିବ।

ପୂରାତନ କାଳରୁ ଭାରତବର୍ଷରେ କୃଷି ଓ ଗୋ-ପାଳନ କରାଯାଉଥିଲା, ଯାହାର ପ୍ରମାଣ ଆମ୍ଭର ଧର୍ମଗ୍ରନ୍ଥ ମାନଙ୍କରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମ। ଯାହାଙ୍କୁ ଆମ୍ଭେ ଗୋପାଳ ଓ ହଳଧର ନାମରେ ସମ୍ବୋଧିତ କରୁ ଅର୍ଥାତ୍ କୃଷି ଓ ଗୋପାଳନ ସଂଯୁକ୍ତ ରୂପରେ ଅତ୍ୟଧିକ ଲାଭଜନକ ଥିଲା। ଏହା ପ୍ରାଣୀମାତ୍ର ଏବଂ ବାତାବରଣ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲା। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଗୋପାଳନ ଧୀରେଧୀରେ କମ୍ ହୋଇଗଲା ଓ କୃଷିକ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଚାରଣ ଭୂମିର ହ୍ରାସ, ଗୋତସ୍କରୀ, ଗୋହତ୍ୟା ଆଦି ବୃଦ୍ଧି ପାଇବା ଫଳରେ ଗୋରୁଗାଈଙ୍କ ସଂଖ୍ୟା କମିବାରେ ଲାଗିଲା। ମାତ୍ର ଆଜି ପୁଣିଥରେ ଗୋବଂଶର ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହେଲାଣି। କାରଣ ଗାଈର ଗୋବର ଏବଂ ମୂତ୍ର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷକମାନଙ୍କ ଆୟବୃଦ୍ଧି ସହିତ ପରିବେଶ ସଂରକ୍ଷଣରେ ମଧ୍ୟ ସହାୟକ ହେଉଛି। ଗାଈର ଗୋବରରୁ ବିଭିନ୍ନ ପ୍ରକାର ଉପକରଣ ଯଥା ଦୀପ, ଧୂପ, କ୍ୟାଣ୍ଡେଲ, ପେନଷ୍ଟାଣ୍ଡ ପ୍ରସ୍ତୁତ ହେଉଥିବା ବିଷୟରେ ପ୍ରାୟ ସମସ୍ତଙ୍କୁ ଜଣାଥିବ। ଏବେ ଆସନ୍ତୁଥାଣିବା କାଷ୍ଠ ବା କାଠ ବଦଳରେ ବ୍ୟବହୃତ ହୋଇ ପରିବେଶ ପ୍ରଦୂଷୋଣକୁ କମ୍ କରୁଥିବା ଗୋକାଷ୍ଠ ସମ୍ବନ୍ଧରେ।

ଗୋକାଷ୍ଠ କଣ?: ଗାଈର ଶୁଖିଲା ଗୋବରକୁ ସଂଗ୍ରହ କରି ଏକ ଯନ୍ତ୍ର ବା ମେସିନ୍ ପାଖରେ ଥିବା ଏକ ଯାଗାକୁ ଅଣାଯାଏ। ଏଥିରେ କିଛି ପାଣି ମିଶାଇ ଯନ୍ତ୍ରରେ ପକାଇ ଦିଆଯାଏ ଏବଂ ଯନ୍ତ୍ରକୁ ଚାଲୁ କରିଦିଆଯାଏ। ଯନ୍ତ୍ର ଭିତରେ ଗୋବରକୁ ପକାଇବା ପରେ ଏହି ଯନ୍ତ୍ର ଗୋବରକୁ ବହୁତ ଚାପ ପ୍ରୟୋଗ କରିଥାଏ ଓ ଏକ କାଠ ଆକୃତିର ଛାଂଚଦେଇ ଗୋବର ଖଣ୍ଡ ଗୁଡ଼ିକୁ ବାହାର କରିଥାଏ। ଏହାପରେ ଏହି କାଠ ଆକୃତିର ଗୋବର ଖଣ୍ଡଗୁଡ଼ିକୁ ନେଇ ଖରାରେ ଶୁଖାଇ ଦିଆଯାଏ ଏବଂ ୪ - ୫ ଦିନ ଶୁଖିଲା ପରେ ଏହା କାଠ ଭଳିଆ ଶକ୍ତ ହୋଇଥାଏ। ମୋଟାମୋଟି ଭାବରେ କହିବାକୁ ଗଲେ ଏହି ଗୋବରରୁ ତିଆରି କାଠ ଆକୃତିର ଗୋବରଖଣ୍ଡ ଗୁଡ଼ିକୁ ଗୋକାଷ୍ଠ କୁହାଯାଏ।

ଗୋକାଷ୍ଠର ବିଶେଷତ୍ୱ: ଦିନକୁ ଦିନ ଅବାଧ ଗଛକଟା ଫଳରେ ଜଙ୍ଗଲ ସମ୍ପଦର ହ୍ରାସ ଘଟି ଚାଲିଛି, କିନ୍ତୁ ସେହି ତୁଳନାରେ କାଠର ବ୍ୟବହାର କମିଯାଉ ନାହିଁ। ଆମ ଦୈନନ୍ଦିନ ଜୀବନରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ କାଠର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ। ଯେମିତି ଭାରତରେ ପାଳିତ ହେଉଥିବା ହୋଲିକା ଦହନ, ଲହଡ଼ି ଆଦି ବିଭିନ୍ନ ପର୍ବପର୍ବାଣୀ, ହୋମ, ଯଜ୍ଞରେ ହେଉ କିମ୍ବା ଜାଡ଼ଶୀତରେ ନିଜ ହାତ, ଗୋଡ଼ ଶେଖିବା ପାଇଁ ହେଉ କି ପୁଣି କାହାର ଦାହସଂସ୍କାର ଇତ୍ୟାଦି ବହୁବିଧ କାର୍ଯ୍ୟରେ କାଠର ଆବଶ୍ୟକତା ପଡିଥାଏ। କିନ୍ତୁ ଏହି କାଠ ଯଦି ଗଛ କାଟିବା ବ୍ୟତୀତ ଗାଈର ଗୋବରରୁ ପ୍ରସ୍ତୁତ କରିଦିଆଯାଏ, ତାହାଲେ ଚିନ୍ତା କରନ୍ତୁ କେତେ ଉପାଦେୟ ହେବ। ଗଛ କମ୍ କଟିବ ଏବଂ ଗାଈର ଗୋବର ଆହୁରି ଅନେକ କାର୍ଯ୍ୟରେ ଲାଗିଯିବ, ଗୋଶାଳାର ଲାଭହେବ ଏବଂ ପରିବେଶକୁ ହେଉଥିବା କ୍ଷତି କମ୍ ହୋଇଯିବ, କାଠ କିଣାରେ ହେଉଥିବା ଖର୍ଚ୍ଚ କମିଯିବ ଓ ଗୋଶାଳା ମାନଙ୍କରେ ହେଉଥିବା ଖର୍ଚ୍ଚ ମଧ୍ୟ ଭରଣା ହୋଇପାରିବ। ଏହି ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି ଭୋପାଳର ବୈଜ୍ଞାନିକ, ଗୋକାଷ୍ଠ ମ୍ୟାନ୍ ଅଫ ଇଣ୍ଡିଆ ଡାକ୍ତର ଯୋଗେନ୍ଦ୍ର ସାକସେନା। ତାଙ୍କ ମତ ଅନୁସାରେ ଯେଉଁଠାରେ ବି ଜାଳେଣି ଦରକାର ହେଉଛି ସେଠାରେ କାଠ ବଦଳରେ ଗୋକାଷ୍ଠର ଏପଯୋଗ ଆରମ୍ଭ ହୋଇଗଲାଣି । ଏହାଦ୍ୱାରା ହୋଲିକା ଦହନରେ ୪୮,୦୦୦ କ୍ୱିନ୍ଟାଲ କାଠ ବଂଚି ସାରିଲାଣି, ୩୬,୦୦୦ ଗଛ କଟିବାରୁ ବଂଚିଲାଣି ଏବଂ ୧୮୦ ଏକର ଜଙ୍ଗଲ ମଧ୍ୟ କଟିବାରୁ ବଂଚିଗଲାଣି।

ଗୋକାଷ୍ଠର ଉପାଦେୟତା: ଗୋଶାଳା ମାନଙ୍କରେ ପାହାଡ଼ ଭଳି ଗଦା ହେଉଥିବା ଗୋବର ଖତ ହେବା ଛଡ଼ା ବିଶେଷ କିଛି କାମରେ ଆସିନଥାଏ। ମାତ୍ର ଗୋକାଷ୍ଠ ପ୍ରସ୍ତୁତି ହେବା ଦ୍ୱାରା ପ୍ରଥମେ ସେହିଭଳି ଗୋବର ଗଦା ଦେଖାଯାଏନି ଏବଂ ପ୍ରଦୂଷୋଣ କମିଯାଏ। ଦ୍ୱିତୀୟରେ ଗୋକାଷ୍ଠ ତିଆରିହୋଇ ଶଂସ୍ମାନ ଘାଟକୁ ଚାଲିଯାଏ, ଯାହା ଫଳରେ ଜଙ୍ଗଲରେ ଗଛ କଟିବା କମିଯାଏ। ତୃତୀୟରେ ଯେଉଁଯେଉଁ ଗୋଶାଳାରେ ଗୋକାଷ୍ଠ ପ୍ରସ୍ତୁତି ପାଇଁ ଏହିଭଳି ଯନ୍ତ୍ରପାତି ଲାଗିଛି, ସେଠାରେ କିଛି ଲୋକଙ୍କୁ ଜୀବନ ଜୀଇଁବା ପାଇଁ ରୋଜଗାର ମିଳିଯାଏ। ଚତୁର୍ଥରେ ଗୋଟିଏ ଗୋଟିଏ ଗାଈ ଦିନକୁ ୧୦ - ୧୫ କିଲୋ ଗୋବର ଦିଅନ୍ତି, ଯାହାକି ଗୋକାଷ୍ଠ ପ୍ରସ୍ତୁତି ପାଇଁ ଆବଶ୍ୟକ ହୋଇଥାଏ। ଏହାଦ୍ୱାରା ରାସ୍ତାରେ ବୁଲୁଥିବା ଗୋରୁଗାଈ ମାନଙ୍କୁ ଗୋଶାଳାରେ ଆଶ୍ରୟ ସହିତ ଖାଦ୍ୟପେୟ ବି ମିଳିଯାଏ।

ପରିବେଶ ସଂରକ୍ଷଣରେ ଗୋକାଷ୍ଠ: ଭୋପାଳର ଏକ ଗୋକାଷ୍ଠ ପ୍ରକଳ୍ପର ତଥ୍ୟ ଅନୁସାରେ ତିନିବର୍ଷ ମଧ୍ୟରେ ପାଖାପାଖି ୯୬,୦୦୦ ଓ ୪୮,୦୦୦ କ୍ୱିନ୍ଟାଲ କାଠ ଯଥାକ୍ରମେ ଅନ୍ତିମ ସଂସ୍କାର ଏବଂ ହୋଲିକା ଦହନରେ ବଂଚିଯାଇଛି। ଆହୁରି ମଧ୍ୟ ବାୟୁ ପ୍ରଦୂଷୋଣ ପାଇଁ କରାଯାଇଥିବା ଏକ ପରୀକ୍ଷାରୁ ଜଣାଯାଇଛି ଯେ ନିୟନ୍ତ୍ରିତ ପରିବେଶରେ ଗୋକାଷ୍ଠକୁ ଜଳାଇଲେ୪୩.୯% ପାର୍ଟିକୁଲେଟ ମେଟର, ୫୫.୧୮% ସଲଫର ଡାଇଅକ୍ସାଇଡ୍, ୧୪.୯୬% ନାଇଟ୍ରସ୍ ଅକ୍ସାଇଡ୍ ଓ ୨୪.୮୦% କାର୍ବନ ମନୋକ୍ସାଇଡ୍ କାଷ୍ଠ ଦହନ ତୁଳନାରେ କମ୍ ହୋଇଯାଇଛି। ପ୍ରଦୂଷୋଣ କମ୍ ହେବାର କାରଣ ହେଉଛି ଗୋକାଷ୍ଠ ମଧ୍ୟରେ ପ୍ରତି ୧୦୦ ଗ୍ରାମରେ ୮.୨୯ଗ୍ରାମ ଆର୍ଦ୍ରତା ଥିବାବେଳେ କାଠରେ ପ୍ରତି ୧୦୦ ଗ୍ରାମରେ ୨୨.୭୪ଗ୍ରାମ ଆର୍ଦ୍ରତା ମହଜୁଦ ଥାଏ। କାଠରେ ଆର୍ଦ୍ରତା ବେଶି ଥିବାରୁ ଜାଳେଣିର ସମ୍ପୂର୍ଣ୍ଣ ଦହନ ହୋଇପାରେନାହିଁ ଯାହାଫଳରେ କାର୍ବନ୍ ମନୋକ୍ସାଇଡ୍ର ପରିମାଣ ବଢିଥାଏ। ପ୍ରତି ୧୦୦ ଗ୍ରାମ୍ ଗୋକାଷ୍ଠରେ ୮.୬୯ ଗ୍ରାମ୍ ସ୍ଥିର କାର୍ବନ ଥିଲାବେଳେ କାଠରେ ତାହା ୧୨.୯୩ ଗ୍ରାମ୍ ପ୍ରତି ୧୦୦ ଗ୍ରାମ୍ ହିସାବରେ ଥାଏ। ଏକ ତତ୍ୱାତ୍ମକ ବିଶ୍ଳେଷଣରୁ ମଧ୍ୟ ଜଣାଯାଇଛି ଯେ ପ୍ରତି ୧୦୦ ଗ୍ରାମ୍ ଗୋକାଷ୍ଠ ଦହନରେ ୨୫.୬୩ ଗ୍ରାମ୍ କାର୍ବନ୍ ନିର୍ଗତ ହେଉଥିବାବେଳେ ପ୍ରତି ୧୦୦ ଗ୍ରାମ୍ କାଠରୁ ୩୫.୨୫ ଗ୍ରାମ୍ କାର୍ବନ୍ ନିର୍ଗତ ହୋଇଥାଏ। ଗୋକାଷ୍ଠ ଦହନରୁ ୪୦ % ଅମ୍ଳଜାନ ନିର୍ଗତ ହୁଏ ଯାହାକି ପରିବେଶ ସଂରକ୍ଷଣରେ ଅତ୍ୟନ୍ତ ସହାୟକ ହୋଇଥାଏ। ଗୋକାଷ୍ଠ ଦହନ ଦ୍ୱାରା ଶତକଡ଼ା ୩୫ ଭାଗ ବାୟୁ ପ୍ରଦୂଷୋଣ କମ୍ ହୋଇଯାଇଛି। ସବୁଠାରୁ ବଡ଼କଥା ହେଉଛି ଯେତେବେଳେ ଆମେ ଗୋକାଷ୍ଠରେ ଅନ୍ତିମ ସଂସ୍କାର କରୁ ୪ - ୫ଘଂଟାରେ ପୂରା ଶରୀର ଜଳି ଯାଉଥିବାବେଳେ କାଠ ଦ୍ୱାରା ସମ୍ପୂର୍ଣ୍ଣ ଶରୀର ଜଳିଯିବା ପାଇଁ ୮ - ୯ଘଂଟା ସମୟ ଲାଗିଥାଏ। କାଠ ଦ୍ୱାରା ଅନ୍ତିମ ସଂସ୍କାର କଲେ କେତେବେଳେ ମୁଣ୍ଡପଟୁ ତ କେତେବେଳେ ପାଦପଟୁ ଓ ଆଉ କେତେବେଳେ ମଝିରୁ ନିଆଁ ଲାଗିଥାଏ। କିନ୍ତୁ ଗୋକାଷ୍ଠ ଦ୍ୱାରା ଦାହସଂସ୍କାର କଲେ ପୂରା ଶରୀରରେ ଏକାସାଥେ ନିଆଁଲାଗେ ଓ ପୂରା ଶରୀର ଏକାଥରେ ଜଳିଥାଏ। କାରଣ ଗୋକାଷ୍ଠ ମଧ୍ୟରେ ଏକ କଣା ଥାଏ, ଯେଉଁଥିରେ ବାୟୁଚଳାଚଳ ହୋଇ ଏକସଙ୍ଗେ ସମଗ୍ର ଶରୀରରେ ନିଆଁ ଲାଗିଥାଏ। ଏକ ଅନ୍ତିମ ସଂସ୍କାର ପାଇଁ ୫,୦୦୦ - ୬,୦୦୦ ଟଙ୍କାର ୨ଟି ଗଛ ସମାପ୍ତ ହେଉଥିବାବେଳେ, କେବଳ ୨.୫ - ୩ କ୍ୱିନଟାଲ ଗୋକାଷ୍ଠ ଦରକାର ହୋଇଥାଏ ଯାହାର ମୂଲ୍ୟ ମଧ୍ୟ ମାତ୍ର ୧୬୦୦ ଟଙ୍କା ଫଳରେ ସମୟ ଏବଂ ଅର୍ଥ ମଧ୍ୟ ବଂଚିଥାଏ। ରାଜସ୍ଥାନର ଏକ ଗୋଶାଳା ସମିତି ଦ୍ୱାରା ଏହାର ସଫଳ ପ୍ରୟୋଗ ଜୟପୁର, କଲିକତା ଓ ଜାମସେଦପୁରରେ ହୋଇସାରିଛି। ଗୋକାଷ୍ଠରେ ଅନ୍ତ୍ୟେଷ୍ଟି ପାଇଁ କଲିକତାରେ ସ୍ୱର୍ଣ୍ଣବିମାନ ନାମକ ଏକ ମେସିନ୍ ତିଆରି ହୋଇଛି। ଏହି ମେସିନରେ ପ୍ରତ୍ୟେକ ଦିନ ୧ ଶବ ସଂସ୍କାର କରି ୧ ମାସରେ ୬୦ଟି ଗଛ ଏବଂ ୧ ବର୍ଷରେ ୭୨୦ଟିରଛ ବଂଚେଇବା ଏକ ଗୋଶାଳା ସମିତିର ଉଦ୍ଦେଶ୍ୟ ରହିଛି ବୋଲି ଅଲବର, ରାଜସ୍ଥାନର ସାର୍ବଜନିକ ଗୋଶାଳାର ଅଧ୍ୟକ୍ଷ ଅଜୟ ଅଗ୍ରବାଲ ମତ ଦେଇଛନ୍ତି। ଏହା ମଧ୍ୟ ଶକ୍ତିର ଏକ ଅନ୍ୟତମ ଉତ୍ସ ଭାବରେ ପରିଗଣିତ ହୁଏ। ଗୋରୁଗାଈ ରାସ୍ତାରେ ବୁଲିବା ଦ୍ୱାରା ଯେଉଁ ଦୁର୍ଘଟଣାର ଆଶଂକା ଥାଏ, ତାହା ମଧ୍ୟ ଗୋଶାଳାର ଗୋକାଷ୍ଠ ପ୍ରସ୍ତୁତି ମାଧ୍ୟମରେ କମ୍ ହୋଇଥାଏ।

ଆଜି ଆମ ଦେଶର ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ଛତିଶଗଡ, ହରିୟାନା, ରାଜସ୍ଥାନ, ଝାରଖଣ୍ଡ ଆଦି ବିଭିନ୍ନ ରାଜ୍ୟର ସରକାରମାନେ ଗୋବଂଶର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ରାଜ୍ୟ ମାନଙ୍କରେ ଗୋକାଷ୍ଠର ବହୁଳ ବ୍ୟବହାର ହେଉଛି। ଏହି ସମୟରେ ଦେଶ ମଧ୍ୟ କରୋନା ମହାମାରୀ ଦେଇ ଗତି କରୁଛି ଓ ପ୍ରତ୍ୟେକ ଦିନ ହଜାର ହଜାର ଲୋକ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରୁଛନ୍ତି, ଯେଉଁମାନଙ୍କର ଦାହସଂସ୍କାର ପାଇଁ ବିପୁଳ ପରିମାଣର କାଠର ଆବଶ୍ୟକତା ପଡୁଛି। ଏହି ସମୟରେ ସରକାର କାଠ ବଦଳରେ ଗୋକାଷ୍ଠକୁ ପ୍ରାଧାନ୍ୟ ଦେଲେ ଅନେକ ଜଙ୍ଗଲ କ୍ଷୟ ହେବାରୁ ବଂଚିବା ସହିତ ପରିବେଶର ମଧ୍ୟ ସଂରକ୍ଷଣ ହୋଇପାରିବ। ଏହା ସହିତ ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ଗୋକାଷ୍ଠ ପ୍ରସ୍ତୁତିକୁ ଏକ ପ୍ରମୁଖ ମାଧ୍ୟମ ଭାବରେ ପ୍ରଚାର ପ୍ରସାର କଲେ ଭାରତ ଭଳିଆ କୃଷି ପ୍ରଧାନ ଦେଶର ଲୋକ ମାନଙ୍କର ଆୟ ବୃଦ୍ଧିହେବା ସହିତ ଗୋବଂଶର ମଧ୍ୟ ସଂରକ୍ଷଣ ହୋଇପାରିବ। ଉତରପ୍ରଦେଶର ଉନ୍ନାଓ ଜିଲ୍ଲାର ରମାକାନ୍ତ ଦୁବେ ନାମକ ଜଣେ କୃଷକ ଓ ପରିବେଶବିତଙ୍କ ଅନୁସାରେ ତାଙ୍କ ଫେକ୍ଟ୍ରିରୁ ଦିନକୁ ପାଖାପାଖି ୨୦୦ କିଲୋଗ୍ରାମ୍ ଗୋକାଷ୍ଠ ନିର୍ମିତ ହେଉଛି ଯାହାର ଆନୁମାନିକ ମୂଲ୍ୟ ୧,୦୦୦ ଟଙ୍କା। ଏହି ଫେକ୍ଟ୍ରି ପ୍ରତିଷ୍ଠା କରିବା ପାଇଁ ପ୍ରାୟ ୭୫,୦୦୦ ରୁ ୧ ଲକ୍ଷ ଟଙ୍କା ଦରକାର ହୁଏ ।ଆମ ଓଡ଼ିଶା ସରକାର ମଧ୍ୟ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଆମ ରାଜ୍ୟର ଅନେକ କୃଷକ ଲାଭାନ୍ୱିତ ହୋଇପାରିବେ।

+ବନ ଗବେଷକ, ସ୍ନାତକତର,
ଓ.ୟୁ.ଏ.ଟି.



## ଗୃହବନ୍ଦୀ ସାଙ୍ଗକୁ ମୂଲ୍ୟ ବୃଦ୍ଧି

ପ୍ରଦୀପ୍ତ ଆଚାର୍ଯ୍ୟ

ବିଚିତ୍ର ଏ ସୃଷ୍ଟି ଏବଂ ସ୍ରଷ୍ଟାର ବିଚିତ୍ର ଏ ସୃଷ୍ଟିରେ ସବୁଠାରୁ ବିଚିତ୍ର ହେଉଛି ମନୁଷ୍ୟର ମନ। ସର୍ପର ମୁଖ ଗହ୍ୱର ମଧ୍ୟରେ ମଣ୍ଡୁକ ଅର୍ଦ୍ଧଭୁକ୍ଷ ଅବସ୍ଥାରେ ଥାଇ, ଜୀବନ ପ୍ରଦୀପ ନିର୍ବାପିତ ହେବାକୁ ଯାଉଛି ଅନୁଭବ କରି ମଧ୍ୟ,ସମ୍ମୁଖରେ ଉଡିଯାଉଥିବା ପତଙ୍ଗ ଉପରକୁ ଲମ୍ଫ ପ୍ରଦାନ କରିବା ପରି, ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା, ମନୁଷ୍ୟର ମଧ୍ୟ ସମାବସ୍ଥା। କରୋନାର ଭୟଙ୍କର ଦ୍ୱିତୀୟ ଲହର ପରେ ଅତି ଭୟଙ୍କର ତୃତୀୟ ଲହର ଆସିବାର ଭବିଷ୍ୟତ ବାଣୀ, ଆବାଳ ବୃଦ୍ଧ ବନିତାଙ୍କ ମନରେ ଭରି ଦେଇଛି ମୃତ୍ୟୁର କରାଳ ଛାୟା। ତଥାପି କେତେକଙ୍କର ଏଯାବତ୍ ଚେତନା ଜାଗ୍ରତ ହୋଇନାହିଁ। ସାଧାରଣତଃ ମନୁଷ୍ୟ ବିପଦ ବା ଅସୁବିଧାରେ ପଡିଗଲେ, ତାର କ୍ରୁରତା ଓ ଦୁର୍ଗୁଣ ଅନେକାଂଶରେ ପ୍ରଶମିତ ହୋଇ ଯାଇଥାଏ। କିନ୍ତୁ ଅଦ୍ଭୁତ କଥା,ପିମ୍ପୁଡି ମନ୍ଦାରେ ପାଣି ଢାଳିଦେଲେ, ସେମାନଙ୍କର ଅବସ୍ଥା ଯାହା ହୋଇଥାଏ, କରୋନାର ଭୟଙ୍କର ସ୍ଥିତିରେ, ମନୁଷ୍ୟର ଅବସ୍ଥା ଠିକ୍ ସେୟା ହୋଇଥିଲେ ମଧ୍ୟ, ପ୍ରକୃତିରେ ପରିବର୍ତନ ଆସୁନାହିଁ। ବିପର୍ଯ୍ୟସ୍ତ ଅର୍ଥନୈତିକ ଅବସ୍ଥା। ଶ୍ରମିକଠାରୁ ଶିଳ୍ପପତି ପର୍ଯ୍ୟନ୍ତ, ଭିକ୍ଷୁକଠାରୁ କୋଟିପତି ପର୍ଯ୍ୟନ୍ତ ସମସ୍ତେ କ୍ଷତିଗ୍ରସ୍ତ। ରୋଜଗାର ହ୍ରାସ ଯୋଗୁଁ, ସମସ୍ତଙ୍କର କ୍ରୟ କ୍ଷମତା ହ୍ରାସ ପାଇଅଛି। ଗୃଧ୍ର, ମୃତ ପ୍ରାଣୀ ମାନଙ୍କର ମାଂସ ଭକ୍ଷଣ କରିବା ପରି, ତାଲା ବନ୍ଦ, ଗୃହବନ୍ଦୀର ସୁଯୋଗ ନେଇ କେତେକ ଅସାଧୁ,ଲାଭଖୋର ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି କରି, ଅସହାୟ ଜୀବନ୍ତ ମନୁଷ୍ୟ ମାନଙ୍କର ମାଂସକୁ ନିର୍ଦ୍ୱନ୍ଦରେ ଭକ୍ଷଣ କରି ଚାଲିଛନ୍ତି। ମାନବିକତା ଲୋପ ପାଇଯାଇଛି। ଦରଦାମ ନିୟନ୍ତ୍ରଣରେ ସରକାରୀ କଳ ବିଫଳ। ଏପଟେ ଲକ୍ ଡାଉନ ଫଳରେ, ସତେ ଯେପରି ଆଉ କିଛି ମିଳିବନି ଏବଂ ଏଇ କେତେ ଦିନ ଭିତରେ ଖାଦ୍ୟ ବିନା ଆମେ ଜୀବନ ଧାରଣ କରି ପାରିବୁ ନାହିଁ ପରି ଭ୍ରାନ୍ତ ଚିନ୍ତାରେ, ହଜାର ହଜାର ଲୋକ ବଜାରରେ ଏକତ୍ରିତ। ଲୋକ ମାନଙ୍କର ଏହି ବ୍ୟାକୁଳତାକୁ ଲକ୍ଷ କରି, ଅସାଧୁ ବ୍ୟବସାୟୀ ମାନେ ଚଳଚଂଚଳ, ସେମାନଙ୍କର ଗୋଟି ଚଳାଇବା ପାଇଁ। ସୁବର୍ଣ୍ଣ ସୁଯୋଗର ସଦ୍‌ବ୍ୟବହାର କରି, ଅପର୍ଯ୍ୟାପ୍ତ ଅର୍ଥ ଠୁଳ କରିଦେବାରେ ବ୍ୟାକୁଳତା ସମ୍ମୁଖରେ, ବିବେକ ଓ ମାନବିକତା ଅସହାୟ। ଅନ୍ୟାୟୋପାର୍ଜିତ ଅର୍ଥକୁ ଉପଭୋଗ କରିବା ପୂର୍ବରୁ, କରୋନାର ସର୍ବଗ୍ରାସୀ ପଞ୍ଝାରେ କବଳିତ ହୋଇନଥିବା ମଧ୍ୟ ସନ୍ଦିହାନ। ମାୟା ସଂସାରରେ କେହି ନିଜର ନୁହନ୍ତି ,ତାହା କରୋନା ପ୍ରମାଣିତ କରିଦେଇଛି। ସ୍ୱାମୀର ଶବକୁ ସ୍ତ୍ରୀ, ପୁତ୍ରର ଶବକୁ ପିତା ମଧ୍ୟ ସ୍ପର୍ଶ କରିବାକୁ କୁଣ୍ଠିତ। ତାହେଲେ କଣ ପାଇଁ? କଣ ପାଇଁ ଏ ଧନାର୍ଜନର ଦୁର୍ବାର ଆକାଂକ୍ଷା। ବିବେକକୁ ଜଳାଞ୍ଜଳି ଦେଇ, ଏ ବିପଦଗ୍ରସ୍ତ ମନୁଷ୍ୟର ଅସହାୟତାର ସୁଯୋଗରେ ଅର୍ଥ ଉପାର୍ଜନ କରିବା କେତେଦୂର ଯୁକ୍ତିଯୁକ୍ତ ? ଜନ ସାଧାରଣଙ୍କ ଜୀବନ ଉପରେ ପରୋକ୍ଷ ପ୍ରଭାବ ପକାଉଥିବା, ପରିବହନ ଇନ୍ଧନ,ଯଥା- ପେଟ୍ରୋଲ, ଡିଜେଲ, ଏବଂ ପ୍ରତ୍ୟକ୍ଷ ପ୍ରଭାବ ପକାଉଥିବା ଅତ୍ୟାବଶକୀୟ ଖାଦ୍ୟ ଦ୍ରବ୍ୟ ଯଥା-ଖାଇବା ତେଲ,ଡାଲି, ଅଟା,ଆଳୁ ପିଆଜର ଅହେତୁକ ମୂଲ୍ୟବୃଦ୍ଧି ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି। ଲକ୍‌ଡାଉନ୍ ଯୋଗୁଁ, କଳ କାରଖାନା ବନ୍ଦ ରହୁଥିବାରୁ, ସେଥିରେ କାର୍ଯ୍ୟରତ କର୍ମଚାରୀ ମାନେ ଦରମା ପାଇବାରୁ ବଂଚିତ ହେଉଛନ୍ତି। ଏପଟେ ରୋଜଗାର ବନ୍ଦକୁ,ସେପଟେ ମୂଲ୍ୟବୃଦ୍ଧି ଯେଉଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି,ତାହା ଅକଳ୍ପନୀୟ। ଏହି ପରିପ୍ରେକ୍ଷୀରେ ସରକାର, କୋଭିଡ ପରିସ୍ଥିତି ନିୟନ୍ତ୍ରଣ ସହିତ, ଅତ୍ୟାବଶକୀୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ। ସାଧାରଣ ଲୋକ ମାନେ ମଧ୍ୟ, ସାଂପ୍ରତିକ ପରିସ୍ଥିତକୁ ଅନୁଭବ କରି, ନିଜର ଆବଶ୍ୟକତାକୁ ସଙ୍କୁଚିତ କରାଇ, ସୀମିତ ସମ୍ବଳର ଉପଯୋଗ ଦ୍ୱାରା ଶୃଙ୍ଖଳିତ ଜୀବନ ଅତିବାହିତରେ, ଅଭ୍ୟସ୍ତ ହେବା ଉଚିତ୍। ଆଜି ବିପଦ ଆସିଛି,କାଲି ନିଶ୍ଚୟ ଚାଲିଯିବ। ପ୍ରାକୃତିକ ବିପର୍ଯ୍ୟୟ ଉପରେ କାହାରି ନିୟନ୍ତ୍ରଣ ନାହିଁ। ଏ ବିପଦ ସମୟରେ ଧୈର୍ଯ୍ୟ ହିଁ ଏକମାତ୍ର ଲୋଡା। ବଂଚିବାର ଏକମାତ୍ର ଭରଷା ଆଶା। ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି, ଧୈର୍ଯ୍ୟର ସହିତ, ଆଶାବାଦୀ ହୋଇ, ସଂଯମତା ଓ ଶୃଙ୍ଖଳତା ଆଚରଣ ପୂର୍ବକ,ଏ ଘୋର ବିପଦର ମୁକାବିଲା କରିବା।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦



## ଭ୍ୟାକ୍ସିନ କବିତା

ତପନ କୁମାର ସାହୁ



ବଞ୍ଚିବା ମରିବାର
ଅଜସ୍ର ଭୟ ଭିତରେ
ତୋ ଆବିର୍ଭାବ ସଂଚାରିଛି
ପୁଣି ଥରେ ଜିଇଁବାର ଆଶା
ଭରି ଦେଇଛି ଅସଂଖ୍ୟ ସାହସ
ଭୁତାଣୁ ସାଥେ ଲଢ଼ିବାର ଦମ୍ଭ !

ମୋ ଅସ୍ତିତ୍ୱ ସମାପ୍ତିର ଶେଷ ମୁହୂର୍ତ୍ତ
ଠିକ୍ ସେତିକି ବେଳେ ତୋ' ସ୍ପର୍ଶରେ
ପୁଣି ଥରେ ନିଜକୁ
ଖୋଜି ପାଇବାର ଆନନ୍ଦ
ମୃତ୍ୟୁର ଅକାଳେ ଗ୍ରାସିବାର ଭୟ
ତୋ ଆଲିଙ୍ଗନ ମାତ୍ରକେ ଶରୀର
ଅଭୟେ ଜପୁଛି ମୃତ୍ୟୁଞ୍ଜୟ ମନ୍ତ୍ର !

ମୋ ଜୀବନର ପୂର୍ବଦିଗରୁ
ମେଘ ମାଳାର ଗହଳି ଆଡେଇ
ନୂତନ ଆଲୋକରେ
ଉଇଁ ଆସିଲୁ ମୋ ପାଇଁ
ତୁ ଏବେ ମୋ ଶିରା
ପ୍ରଶିରାରେ ବହୁଛୁ
ପ୍ରିୟା ପୁରବୀର ପ୍ରେମ ହୋଇ !

ତୋ ନାମ କରଣରେ ହିଁ ତୁ ସ୍ୱତନ୍ତ୍ର
କୋଭିଶିଲ୍ଡ, କୋଭ୍ୟାକ୍ସିନ୍
କରୋନାର ମାରଣାସ୍ତ୍ର
ମାନ୍ୟତା ନ ପାଇ
ରାମଦେବ ବାବାଙ୍କ
କୋରୋନିଲର ସ୍ଥିତି ଏବେ ବିବସ୍ତ୍ର !

ଦ୍ରୁତ ଗତିରେ ଆସୁଥିବା
ଗୁଳିକୁ ଭୟ ନାହିଁ
ତୁ ମୋ ଛାତିକୁ ଜାବୁଡି ଧରିଛୁ
ବୁଲେଟ ପ୍ରୁଫର ସୁରକ୍ଷା
କବଚ ହୋଇ
ତୁ ଅହରହ ରହିବୁ
ତତ୍ପର ଅସ୍ତ୍ରଶସ୍ତ୍ର ଧରି,
ଲଢୁଥିବୁ ମାରୁଥିବୁ ଅଜସ୍ର
ଅଦୃଶ୍ୟ ଶତ୍ରୁ
ମୁଁ ସୁରକ୍ଷିତ ତା ଭିତରେ
ତୁ ଉର୍ଜାର ଶକ୍ତ ବଳୟ ପରି !

+ବେଲଗାଁ କଳାହାଣ୍ଡି

## ପର୍ଯ୍ୟାବରଣ ପ୍ରକୃତ ବନ୍ଧୁ

ଅମରନାଥ ବାରିକ୍



ପ୍ରାଣୀ ଜଗତର ସୁଖର କାରଣ
ବୃକ୍ଷ ଅଟେ ମହା ଧନ
ବୃକ୍ଷ ଏକା ଚିର ସାଥି ଜୀବନର
ବୃକ୍ଷ ବିନା ହୀନିମାନ ।

ବୃକ୍ଷଠାରୁ ମିଳେ ଫୁଲ ଫଳ ଆଦି
ଘରୋଇ ଉପକରଣ
ବୃଦ୍ଧ ବୟସରେ ସାହା ହୋଇଥାଏ
ଆଶା ବାଡିର କାରଣ ।

ଚଉକି ଟେବୁଲ କାଠ ପଟା ବାକ୍ସ
ଖାଦ୍ୟ ପାଇଁ ଦିଏ ଜାଳ
ସବୁଠାରୁ ଶ୍ରେଷ୍ଠ ଅମ୍ଳଜାନ ଦିଏ
ବଞ୍ଚିବା ପାଇଁ ନିର୍ମଳ ।

କେବେ ପଡିଗଲେ
ରୋଗର ଶଯ୍ୟାରେ
ଔଷଧ ଯୋଗାଇ ଦିଏ
ଥକି ପଡିଗଲେ ବାଟର ବାଟୋଇ
ଖରା ବେଳେ ଛାଇ ଦିଏ ।

ଜଗତ କଲ୍ୟାଣ ନିମନ୍ତେ କରଇ
ବରଷା ବୃଷ୍ଟିର ଜଳ
ପର ଉପକାର ପାଇଁ ତା ଜନମ
ବିତାଏ ଜୀବନ କାଳ ।

ଜନମ ହୋଇଲେ ଏନ୍ତୁଡ଼ି ଶାଳରେ
ହୁଏ କାଠ ପ୍ରୟୋଜନ
ବାଳୁତ କାଳରେ କଣ୍ଢେଇ ଖେଳଣା
ଗାଡି ଘୋଡା ଓ ବିଭିନ୍ନ ।

ବିବାହ ବେଦୀରେ ହୋମ ନିଆଁ ପାଇଁ
ପଡିଥାଏ ଏହା ଖୋଜା
ସ୍ୱାରୀ ପାଲିଙ୍କି ଗଢିବା ପାଇଁ କି
କାଠ ହୋଇଥାଏ ଖଞ୍ଜା ।

ଆଗଡ଼ ଶଗଡ଼ କୋକେଇ ଯୂଇରେ
କାଠର ଆବଶ୍ୟକତା
ବୃକ୍ଷ ଜୀବନର ପ୍ରକୃତର ବନ୍ଧୁ
ଆବାଳ ବୃଦ୍ଧ ବନିତା ।

କାଠୁରିଆ ଭାଇ ନ ପକାଅ ହାଣି
ସମ୍ପଦ ଅଟେ ଆମର
କର ପ୍ରତିଦିନ ବୃକ୍ଷର ରୋପଣ
ଗୋଟିଏ ମାତ୍ର ସଂଖ୍ୟାର ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ:୯୫୪୦୩୦୮୦୯୫

(ମନୋଜ୍ଞ କବିତାର ସମାହାର)

## ॥ ସହଯାତ୍ରୀ ॥

### ରତ୍ନାକର ରାଉତ



ସେ କେବେ ନଥିଲା କି ମଣିଷମାନଙ୍କ ସହିତ ?
ଯମଜ ଭ୍ରାତା କି' ଭଗିନୀ ପରି
ମାଆ ପେଟରୁ ସେ ତ ସାଥି ହୋଇ ରହିଥାଏ ସଭିଙ୍କର ।
ଏପରିକି କେଉଁ ଜୀବ ସହିତ ନଥାଏ ସେ କହିଲ ?

ତା' ଭଳି ନିବିଡ଼ ବଂଧନରେ ଆଉ କେହି
ବାଂଧି ନହୋଇ ରହିନଥାଏ କାହା ସହିତ ଆଜୀବନ ।
ସବୁ ସମୟରେ ସାଥେ ସାଥେ ଚାଲିଥାଏ
ଅଂଧାର ହେଉ ଅବା ଆଲୁଅ,
ଦିନ ହେଉ ଅବା ରାତି,
ସକାଳ ହେଉ ଅବା ସଂଧ୍ୟା,
ସବୁବେଳେ ସହଯାତ୍ରୀ ସାଜିଥାଏ ସେ ଅଜ୍ଞାତରେ,
ସମସ୍ତଙ୍କର ଅଗୋଚରରେ,
ତାକୁ କେହି ଦେଖେନି
କିବା ତାର ଉପସ୍ଥିତିକୁ ଅନୁଭବ କରେନି ।
ଏପରିକି ସେ ସାଥିରେ ଥିବା ନଥିବା
ସଂପର୍କରେ ଅନେକଙ୍କୁ ଆଦୌ ଜଣାନଥାଏ ।

ଆଉ କେହି କେହି ତାକୁ ହେୟ ଓ ଗୌଣ ମନେକରି
ଅବଜ୍ଞାରେ ଅବହେଳା କରନ୍ତି ।
ସେଥିକୁ ଖାତିର ନଥାଏ ତାର ।
ସେ ନିଷ୍ପାପର ବଂଧୁତ୍ୱର ଦାୟବଦ୍ଧତାକୁ
ଅଣଦେଖା କରି ଦୂରେଇ ଯାଏନି ।
ସୁଖଦୁଃଖ, ଭଲମନ୍ଦ, ଉଠାପକା, ବିପଦଆପଦ
ସବୁ ସମୟରେ ସେ ଥାଏ, ଏକା କରି ଚାଲିଯାଏନି
ଏବେର ପ୍ରେମିକ ପ୍ରେମିକାମାନଙ୍କ ପରି ।

ତା' ଆବିର୍ଭାବ ଜରୁରୀ ହେଲେ ସେ ଦୃଶ୍ୟମାନ ହୁଏ
କେତେବେଳେ କେଉଁ ରୂପରେ ଆସି
ସେ ଉଭାହୁଏ ପାଖରେ ତାହା ଜଣା ପଡ଼େନି
ସେ ଥାଇ ନଥିଲା ପରି ଏବଂ କେବେ କେବେ
ନଥାଇ ଖୁବ୍ ସ୍ପର୍ଦ୍ଧାର ସହ ଥିବା ଭଳି
ତାର ଉପସ୍ଥିତି ଜାହିର କରେ ।

ତା' ପନ୍ଝାରୁ ମୁକୁଳି ଆସିବା ମୁସ୍କିଲ ।
ହରିଣ ଉପରେ ଝାମ୍ପି ପଡୁଥିବା ବାଘ ଭଳି
ସେ ସମୟ ସୁବିଧା ଦେଖି ପନ୍ଝା ପକେଇ ମାଡ଼ିବସେ,
ଯେଉଁ ପନ୍ଝା ଭିତରୁ ଆଉ ନିସ୍ତାର ନଥାଏ
ଜୀବନ ନେଇ ପଳେଇ ଆସିବାକୁ ।
ଜଣକୁ ଶିକାର କରି ନେଲାବେଳେ
ଦେଖିଲାଲୋକ ଭାବୁଥାଏ
ସେ କେବେବି ଶିକାର ହେବନି ।
ମାତ୍ର ସେ ସଭିଙ୍କ ପାଇଁ ସମାନ,
ଆଦୌ ପାତରଅନ୍ତର କରେନି ।
ତା' ବିଚାରରେ ସଭିଏଁ ଗୋଟିଏ ଭାଡ଼ିର ପାରା,
ଏକା ଲାଉର ମଂଜି । ବଡ଼ ସାନ, ଗୁରୁ ଲଘୁ
ଧନୀ ଗରୀବ, ରାଜା ଫକୀର, ସୁନ୍ଦର ଅସୁନ୍ଦର
କିଛି ଫରକ ନଥାଏ ।

ବେଳେ ବେଳେ ସେ ମଧ ପାଣି, ପବନ,
ଆଲୋକ ପରି ଅଶାନ୍ତ, ଉନ୍ମନା ହୁଏ ।
ଏବେ ଏବେ ସେ ମାଡିଛି କରୋନାର କାୟାବିସ୍ତାର କରି ।
ଭୟ ଓ ଆତଙ୍କରେ ଥରଉଛି ସଭିଙ୍କ କଳିଜା ।
ତାର ରୁଦ୍ର ବିଧ୍ୱଂସୀ ରୂପରେ ସଭିଏଁ ଆକ୍ରାନ୍ତ, ଆତଙ୍କିତ ।

କେତେବେଳେ କାହା ଉପରେ ଛାପ ମାରି ଦେଇ
ସେ ଉଭାନ୍ ହୋଇ ଯାଉଛି ତତ୍କ୍ଷଣାତ୍ ।
କଳିର କଳୁଷ ଅସହଣୀୟ ହେବାରୁ
ସେ କାହାର ଦୂତ ସାଜିଛି ।
ସେ କେଉଁ ଦୋଷ ନିଜ ମୁଣ୍ଡରେ ନିଏନି ।
ତେଣୁ କାହାକୁ ନେଇଗଲା ବେଳେ
କିଛି ଗୋଟେ କାରଣ ରଖି ଦେଇଯାଏ ।
ସଭିଏଁ ସେ କାରଣକୁ ହିଁ ଦାୟୀ କରନ୍ତି କାହା ବିଦାୟରେ ।

କେବେ ଭୂତାଣୁ ତ' କେବେ ଭୂକମ୍ପ,
ଆଉ କେବେ ଭୂସ୍ଖଳନ ପୁଣି ଅନ୍ୟ କେତେବେଳେ
ଘୂର୍ଣ୍ଣିର ତାଣ୍ଡବ ତ' ସୁନାମିର ରୌଦ୍ରରୂପରେ
ସେ ଉଭାନ ହୁଏ କେଉଁ ଶୂନ୍ୟରୁ ଆସି ନୁହେଁ
ବରଂ ସାଥିରେ ଥାଏ ଅଦୃଶ୍ୟରେ,
ଅନ୍ତରାଳରୁ ବାହାରି ଆସି ହୁଏ ଦୃଶ୍ୟମାନ
ଏବଂ ତାର ଦାମ୍ଭିକତା ଦେଖାଏ ।
ତାକୁ ପାଶୋରି ଯିବାର ପରିଣାମ ଭୋଗେ ମଣିଷ ।
ପରୋକ୍ଷରେ ସେ ସୂଚେଇ ଦିଏ,
ତା'ପ୍ରତି ଅବହେଳାର ପରିଣତି ଅତ୍ୟନ୍ତ ଭୟାବହ ।

+ (ମୋ): ୯୪୩୭୩୮୨୨୮୧

## ॥ ନିଃସଂଗ: ନିର୍ବାସ ॥

### କିଶୋର ମହାନ୍ତି



ଦୈର୍ଘ୍ୟ ପ୍ରସ୍ଥର ଆୟତନର
ମୁହଁ ମାଡ଼ି ପଡ଼ିଥାଏ
ଜୀବନ.. ନଜରବଂଦୀ
ଶୂନ୍ୟତାକୁ ମାପୁଥାଏ ବାରମ୍ବାର
ସତେ ଦୃଶ୍ୟରେ/ ଅଦୃଶ୍ୟରେ
ଏକଲା ଈଶ୍ୱର
ଅଂଧାର ଭିତରେ
ଚାପି ଚୁପି ଅଦରକାରୀ
ନିରୁତା ଜୀବନ ବାହୁନୁଥାଏ ବସି
ବେଳେବେଳେ ପ୍ରଳାପ କରୁଥାଏ
ସର୍ବହରା ଯାତ୍ରାର ରାଜାପରି
କୁତ୍ସିତ ଜୀବନ/ ଖିନ୍‌ଭିନ୍ନ ଜୀବନ
ସଢୁଥାଏ, ପରିତ୍ୟକ୍ତ ଅଲୋଡ଼ା
ଏକ କାଳର କୁଟିଳ ଖେଳ
କିଏ ବା ଭେଦିବ ତା ଗତି
ଯେଉଁଠି ମୁଁ ମୁଁ ନୁହେଁ
ସେ ସେ ନୁହେଁ
ନିରର୍ଥକ ପରିଚୟ,
ବେଳେ ବେଳେ ବି
ସମୁଦ୍ରର ଗର୍ଜନ ଶୁଭୁଥାଏ
ବିକଟାଳ
ଉତ୍‌ପାତ, ଅମାନିଆ ପବନର
ଅଝଟିଆ ଝଡ଼
ଅସ୍ଥିର ଜୀବନ, ଟଳମଳ
ହୁଲୁସୁଲୁ ନାଭିରୁ କପାଳ
କପାଳରୁ ପାଦ ତଳ
ଘୁଞ୍ଜି ଯାଉଛି ଯେମିତି ମାଟି
ଆଗରେ ଯେମିତି
ଶୂନ୍ୟର ଧୂଳିଗଦା
ଖାଁ.. ଖାଁ..
ସ୍ତୁପୀକୃତ ନିଆଁର ପାଉଁଶ
କାୟାରେ, ମାୟାରେ, ଛାୟାରେ
କଳା ସମୟର ବୀଭତ୍ସ ପାଦଚିହ୍ନ
ସମୟର ଦଲିଲ ଭିତରୁ
ଖୋଜୁଥାଏ ନିଜ ହସ୍ତାକ୍ଷର
ଅଚଂଚଳ ମୁହୂର୍ତ୍ତର ପ୍ରଲମ୍ବିତ
ମହାକାଳର ଡାକ
ଭେଦୁଥାଏ ମାଟି ଓ ଆକାଶ
ଗୁମୁରୁଥାଏ ଶୁକପକ୍ଷୀ
ଅପେକ୍ଷାରେ ଶେଷ କାହିଁ
ଭିତରେ ଚାଲିଥାଏ
ନିଃସଙ୍ଗ ସଂଗ୍ରାମ ନିରନ୍ତର
ଯେ ଯାଏ ତୁମେ ଆଉ ମୁଁ ଏବଂ
ପରସ୍ପର ଏକ ହୋଇ ନିଶ୍ଚିହ୍ନ
ହୋଇନେ...

+ ମୋ: ୯୪୩୭୭୨୮୪୭୫

## ॥ ଚିତ୍ରା ଓ ଚିତ୍ରଲେଖା ॥

### ଡ. ରାଧାରଂଜନ ପଟ୍ଟନାୟକ



କେଉଁ ତପୋବନେ ତପସ୍ୱିନୀ ତମେ
ତମସା ପଚାରେ କୁହ,
କେଉଁ ତଡ଼ାଗର ତାମରସ ହୋଇ
ତପନକୁ ଦେଖାଦିଅ ।

କେଉଁ ଚଉଦଳେ ଯାତ୍ରା କରୁଛ
କଣ୍ଠେ ତୁମ ଚଉପଦୀ
କେଉଁ ତପୋଧନ ଚନ୍ଦ୍ରଶାଳାରେ
ଶେଷ ତୁମ ଚଉହଦୀ ।

ନିଶିଥରେ ତମେ ରଜନୀଗନ୍ଧା
ଉଷାରେ ଅରୁଣ ବାସ
ଘନକୁନ୍ତଳରେ ଭରିଅଛ ତୁମେ
ଶାରଂଗର ଶିଳାରସ ।

ଚିତ୍ରା ପଚାରେ ଚିତ୍ରଲେଖାକୁ
କୁହ କେଉଁ ତାରାପଥ
ଆଂକିହେବ ସେଠି ତପସ୍ୱୀକନ୍ୟାର
ଚିତ୍ର ହେବ ଚିତ୍ରାପିତ ।

+ କାଦ୍ରାବାଦ, ସୁନହଟ, ବାଲେଶ୍ୱର
ମୋ:୯୪୩୮୨୯୦୦୭୨

## ॥ ଜହ୍ନଟା ସତେ କି ଲୁଚି ଯାଉଛି... ॥

### ରଶ୍ମି ସାମଲ



ଏହି କିଛିଦିନ ହେଲା
ଏମିତି କାହିଁକି ଲାଗୁଛି ।
ସତେକି ଏହି
ସମୟର କରାଳ ଗର୍ଭରେ
ପେଷି ହୋଇ ଗଲାଣି
ଏ ମଣିଷର ଜୀବନ ।

ଆକାଶରେ ଜହ୍ନଟା
ସତେ ଯେପରି ଲୁଚି ଯାଉଛି
ସାଗରର ଢେଉ ସବୁ ନିଜ ବାଟରେ
ଚାଲି ଯାଉଛନ୍ତି ।

ରାସ୍ତା ଦୁଇ ପାଖର ବୃକ୍ଷ ଲତା
ଯେମିତି ଚୁପହୋଇ ଯାଇଛି,
ନିରବ ନିଷ୍ପ୍ରଭ ହୋଇ
ଯାଇଛି ଜୀବନ
ଭୁତାଣୁର ଦାରୁଣ ପ୍ରହାରରେ
ଜଡ଼ସଡ଼ ହୋଇସାରିଲାଣି
ଏ ମାନବ ଜାତି ।

ଆକାଶ ପୃଥିବୀ ସତେ
ଯେମିତି ଅଚିହ୍ନା ଅଜଣା
ଦିଗବଳୟଟା ଚାଲି ଯାଉଛି

ବହୁ ଦୂରକୁ, କାହିଁକି ଏପରି
ଆକାଶ ବି ରଙ୍ଗ ହୀନ,
କାହିଁକି ଏ ପରିବର୍ତ୍ତନ ।

କେତେ ଯେ ସଂସାର ଉଜୁଡି ପଡୁଛି
ଅସଜଡ଼ା ହେଉଛି ପରିବାର
ଆଖିରୁ ଗଡୁଛି ଲୁହ ଧାର ଧାର
କିଏ ଜାଣେ କାଲି କାହା ପାଇଁ
ଆସିବ କି ନାହିଁ ।

ଏବେ ଧନୀ ଗରିବ ସବୁ
ହେଲେ ଏକାକାର,
ମାନ ଧନ ଯଶ ଅହଂକାର
ଭେଦ ସବୁ ହେଲା ଛାରଖାର ।
କଣ ଏହାର ଭବିଷ୍ୟତ ?

+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

## ॥ ମୋ ଗାଁ ॥

### ଡଃ ମାଙ୍ଗଳିକା ମହାପାତ୍ର



ଗାଁ ଟି ମୋର ଭାରି ସୁନ୍ଦର
ସତରେ ତା ଛବି କେତେ ମନୋହର
ଦିଶଇ ପୂରବେ ଯେବେ ରବି
ଅଭୁଲା ସେବେ ତା ଛବି ...
ଗାଁ ମୁଣ୍ଡରେ ଗ୍ରାମ ଦେବତୀ
ଲୋକେ ପୂଜନ୍ତି ଯାଇ
ସନ୍ଧ୍ୟା ହେଲେ ଭାଗବତ ଟୁଙ୍ଗି
ଭକ୍ତି ଭାବରେ ପୂରଇ
ପୁରୁଣା ସେହି ବିଦ୍ୟାଳୟ
ଗଢିଛି କେତେ ମଣିଷ
ଭୁଲିନି କି ଭୁଲି ହେବନି
କେବେ ତାହାର ଯଶ
ଯୁବକଙ୍କ ପାଇଁ ଗାଁ
ମଝିରେ ଅଛି କ୍ଲବ୍ ଘର
ଖେଳ କସରତ ଚାଲେ ଜବର
ମିଳେ ତ ସବୁ ଖବର
ଚାଷୀ ଭାଇ ଟି ହଳ ଧରି
କ୍ଷେତକୁ ଯାଏ ଧାଇଁ
ଖରା ବରଷା କୁ
ଖାତିରି ନ କରି
ଖଟଇ ଆମ ପାଇଁ
ସକାଳ ହେଲେ ଗଉଡ ଭାଇ
ଗାଈ ଫିଟାଏ ଯାଇ
ଗୋଧୂଳି ବେଳ ଆସିଲେ ନଇଁ
ହମା ହମା ରଡ଼ି ଶୁଭଇ ..
ସେଇ ଗାଁ ଟି ମୋର ପ୍ରିୟ ଅଟଇ
ତା ବିନା କିଛି ଭାବି ପାରେ ନାହିଁ

+ କିଟ୍ ବିଶ୍ୱବିଦ୍ୟାଳୟ

## ॥ ସ୍ମୃତି... ॥

### ସ୍ମିତା. ଜି. ମହାପାତ୍ର



ନିଃସଙ୍ଗ ମୁହୂର୍ତ୍ତର ସାଥିଟିଏ ସେ
ନାମ ତାର ପରା ସ୍ମୃତି
କେବେ ହସାଏ ପୁଣି କେବେ କନ୍ଦାଏ
ମନେ ହୋଇଥାଏ ମୋତି
ସ୍ମୃତି ମିଳାଏ କେବେ ଶିଶିର ପରି
ଲିଭିଯାଏ ମନୁ ନିଜେ
ମନ ଶାମୁକାରେ ରହିଥାଏ କିଛି
ହୃଦ ତାକୁ ନିତି ଖୋଜେ
ହୃଦ ଗନ୍ତାଘରେ ଅପାସୋରା ସ୍ମୃତି
କିଛି କୁହା ପୁଣି ଅକୁହା
ଏକଲା ପଣର ସେ ଅଭୁଲା ପ୍ରୀତି
ନିସଙ୍ଗ ମୁହୂର୍ତ୍ତର ସାହା
ସ୍ମୃତି ଆସେ ମାଡି ଲହରୀ ପରିକା
ଓଦା କରିଦିଏ ମନ
ମନ ଭିଜିଗଲେ ସରସର ହୋଇ
ପାଶେ ତା ହୁଏ ମଗନ
ମନେ ଝୁଲେ ସ୍ମୃତି ପେଣ୍ଟା ଫୁଲ ପରି
ସରାଗରେ ଯାଏ ଝଡି
ନିରିମଳ ମନ ଆନମନା ହେଲେ
ପକ୍ଷୀ ସମ ଯାଏ ଉଡ଼ି

+ ବାରିପଦା
(ମୋ)୮୪୮୦୯୧୧୯୨୭

## ॥ ରକ୍ଷା କର ମହାବାହୁ ॥

### ଝରଣା ବାରିକ



ନିଦାଘର ତାତି ଅସହ୍ୟ ଏଇଠି
କରୋନା କରାଳ ଦୃଶ୍ୟ,
ପ୍ରକୃତି କରୁଛି ତାଣ୍ଡବ ର ଲୀଳା
ଲାଗେ ସତେ ଅଟ୍ଟହାସ୍ୟ ।

କାନରେ ପଡୁଛି ମୃତ୍ୟୁର ଖବର
ଛାନିଆରେ ଥରେ ଛାତି,
ଗୃହେ ବନ୍ଦୀ ହୋଇ ଦିନ କଟିଯାଏ
ଡରି ଡରି କଟେ ରାତି ।

ହାହାକାର ଲାଗୁଛି ସବୁଠି
କେତେ ଯେ ଯନ୍ତ୍ରଣା ଦିଏ,
କାହା ପାଳି ଆସି ପଡ଼ି ଯିବ ଏଠି
ସତେ ବା ଜାଣିଛି କିଏ ।

କଳିଯୁଗ ଶେଷ ହେବକି ଏଇଠି
ଆମେ କିବା ଶେଷ ପିଢ଼ି,
ବାରହାତ ଖଣ୍ଡା ବୁଲୁଛି ସତେକି
ମୁଣ୍ଡ ସବୁ ଯାଏ ଗଡି ।

କରୋନାର ଏଇ କରୁଣ ଚିତ୍କାର
ସହି ହେଉନାହିଁ ଆଉ,
ରତ୍ନ ସିଂହାସନୁ ଓହ୍ଲାଇ ଆସି ହେ
ରକ୍ଷା କର ମହାବାହୁ ।

+ ସମଲ, ତାଳଚେର, ଅନୁଗୋଳ

## ॥ ଭାରତମାତା ॥

### ପୂର୍ଣ୍ଣିମା ଲେଙ୍କା



ଶୁଣିଥିଲି ପିଲାଦିନରୁ ତା ଅସୀମ
ମାହାତ୍ମ୍ୟ!!!
ଅସରନ୍ତି ଇତିହାସ
ଦେହାଥରା କାହାଣୀ
ଆଉ କୁଢ଼ କୁଢ଼ ବଳିଦାନ ।

ଦିନେ ଅଙ୍ଗେ ଲିଭେଇଲି
ତିନିଟି ଅକ୍ଷର ବିଶିଷ୍ଟ
ଗୋଟିଏ ଶବ୍ଦକୁ
ଗୋଟିଏ ଦେଶ ବିଶିଷ୍ଟ ବିଶାଳ
ଭୂଖଣ୍ଡକୁ
ଯାହା କ୍ଷମତା ରଖେ ସମ୍ପୂର୍ଣ୍ଣ ସୃଷ୍ଟିକୁ
ସହାରା ଦେବାକୁ, ଅନୁଭବ କଲି
ତା ଔଜ୍ୱଲ୍ୟମାନ.....ଉଜ୍ୱଳତାକୁ ,
ଇତିହାସରେ ଲୁଚି ରହିଥିବା
ତାର ପରସ୍ତ ପରସ୍ତ ଶକ୍ତିକୁ,
ସତେ ଯେମିତି ଭିଡ଼ି ନେଉ ଥିଲା
ମତେ ଏକ ରହସ୍ୟମୟ ଦୁନିଆକୁ
ବିମୋହିତ କରୁଥିଲା
ତା ରହସ୍ୟରେ !!!
ତା ଇତିହାସରେ!!!

ଓଃ !
ସତେ କେତେ ଶକ୍ତି ଥାଏ
ମାତୃଭୂମି ଶବ୍ଦରେ
ଅତୀତର ଗାଥା ସାଉଁଟୁଥିବା
ଇତିହାସରେ
ଭାରତର ବିଜୟ ଗାଥା ଶୁଭୁଥାଏ
କୋଣ ଅନୁକୋଣରେ
ଖୋଦିତ ହେଇଥାଏ ପଥର ଖଣ୍ଡରେ
ଅନୁଭବି ପାରିବ ପ୍ରତ୍ୟେକଟି
ରେଣୁରେ ।

ଯାହାର ପ୍ରତ୍ୟେକ ବୀର
ସାହସ ରଖେ, ଫେରେଇ ଆଣିବାକୁ
ଜୀବନକୁ ମରଣ ପାଖରେ,
ଖେଳେଇ ପାରେ ସୁନାର ଫସଲ
ଚାରଣ ଭୂଇଁରେ
ଝରେଇ ପାରେ ଶରୀରର
ଶେଷ ରକ୍ତବିନ୍ଦୁ
ଭାରତମାତା ନାଁରେ ।

ଆଜି ବି ଶିରା ପ୍ରଶିରାର ରକ୍ତ କଣିକା
ଶୀତଳ ହୋଇଯାଏ,
ସ୍ମୃତିଚାରଣ କଲେ
ସେ ନୀରିହ ଶିଶୁର ଅଖଣ୍ଡ ବିଶ୍ୱାସକୁ,
ନୀରିହ ଅଥଚ ତା ଦାମ୍ଭିକ ଠାଣିକୁ,
ଯିଏ ସାହସ ରଖିଥିଲା,
ସୂଚେଇ ଦେବାକୁ
ଭାରତର ବିଜୟ ବାର୍ତ୍ତା,
ଅସୀମ ଶକ୍ତିକୁ,
ଫେରେଇ ପାରିଥିଲା ତା' ମା
ସ୍ୱାଧୀନତା ଲଢି ଥିଲା ଇଂରେଜ
ସରକାର ସାମ୍ନାରେ
ଲକ୍ଷ୍ମୀବାଈ ରୂପରେ ।

ବୁଝି ପାରୁନଥାଏ
କେତେ ପ୍ରକାର ରହସ୍ୟ !
କେତେ କେତେ ବୀର କାହାଣୀ ଅଛି
ସତେକି ଏକ ଅମାପ ଶକ୍ତି ଅଛି
ମୋ ଭାରତ ଭୂଇଁରେ,
ଖେଳି ଯାଉଥାଏ
ଅନନ୍ତ ଅନନ୍ତ ଶିହରଣ
ମୋ ଶିରାପ୍ରଶିରାରେ
ଅଜ୍ଞାତରେ ପ୍ରସ୍ଫୁଟିତ ହଉଥାଏ
ଭାରତମାତାର ଜୟ ଗାନ
ମୋ ମୁଁହରେ ।

ଆତ୍ମାନୁଭୂତି ହୁଏ
କେହି ଜଣେ କହି ଯାଏ,
ଇତିହାସ ପଢୁ ପଢୁ
ତୁ ବି ନିରବି ଯାଉ
ଅଜଣାତରେ
ସମର୍ପିତ କରିଦଉ
ଜୀବନର ଚଳଚଞ୍ଚଳତାକୁ
ଭାରତ ମା'ର ଜୟଗାନ କରିବାରେ ।

ଉଦ୍ୟୁକ୍ତ ହେଇ
ବୋହି ଯିବାକୁ ଚେଷ୍ଟା କରେ
ଦି ଟୋପା ଲୁହ
ଭାରତ ମାତାର ନାଁ ରେ ।

+ ଗବେଷଣାରତ ଛାତ୍ରୀ
ଆଇ.ଆଇ.ଟି, ଧାନବାଦ,
ଝାଡ଼ଖଣ୍ଡ-୮୨୬୦୦୪
(ମୋ) ୭୦୦୮୨୦୭୮୪୪

## ॥ ଜୀବନ... ॥

### ଦଳଗଞ୍ଜନ ମେହେର



କେବେ ହସ ତ କେବେ କାନ୍ଦ
କେବେ ଭଙ୍ଗା ତ କେବେ ଗଢା
କେବେ ବାସ୍ତବ ପୁଣି ସପନ
ଏଇତ ଅଟେ ଜୀବନ ....

କେବେ ସ୍ୱପ୍ନ ତ କେବେ ମରିଚିକା
କେବେ ସାଥି ତ କେବେ ଏକାଏକା
କେବେ ବିଚ୍ଛେଦ ପୁଣି ମିଳନ
ଏଇତ ଅଟେ ଜୀବନ ......

କେବେ ଜୟ ତ କେବେ ପରାଜୟ
କେବେ ବନ୍ଧୁତା ତ କେବେ ଶତୃତା
କେବେ ରାଗ ପୁଣି ଅଭିମାନ
ଏଇତ ଅଟେ ଜୀବନ ....

କେବେ ଘୃଣା ତ କେବେ ପ୍ରେମ
କେବେ ପାପ ତ କେବେ ପୁଣ୍ୟ
କେବେ ଜନ୍ମ ପୁଣି ମରଣ
ଏଇତ ଅଟେ ଜୀବନ ..

+ ଗଣ୍ଡାବାହାଲି ନୂଆପଡା

## ॥ ଅଶାନ୍ତ ପୃଥିବୀ... ॥

### ଆନନ୍ଦ କୁମାର ମାଇତି



ହଜାରେ ସମ୍ବାଦ ଭିତରୁ ଅନ୍ଧକାର ଟେ
କର ଲେଉଟାଇ ଉଠୁଛି
ବିଶ୍ୱାସର ସ୍ଥିର ଭୂମି ଦୋଦୂଲ୍ୟମାନ ।
ଆପଣ ତ ବ୍ୟାକରଣ ଜାଣନ୍ତି
ରାମ ପରେ ଲକ୍ଷ୍ମଣ ନ ହୋଇ ଶ୍ୟାମ ହବାଟା,
ଜାଣନ୍ତି ଭୂଗୋଳ ବୃତ୍ତାନ୍ତ
ଯେମିତି କାଶ୍ମୀର,ଶ୍ରୀଲଙ୍କା, ସମୁଦ୍ର ଗଭୀରତା !

ଦିନର ସଂଜ୍ଞା ଆଉ ରାତିର ଜ୍ୟାମିତି
ସୂର୍ଯ୍ୟ ଉଇଁଲେ ସବୁ ପ୍ରକଟିତ,
ରାତିରେ ହେଲେ ନିଶାକ୍ତ ।
ଆମେ ବିଷୟ ଅନୁବାଦ କରିଚାଲିଛୁ
ଭଗ୍ନାଂଶ ସନ୍ଧାନରେ ।
ଏଇ ଦେଖ ପକ୍ଷୀଟି ଜନ୍ମ ନେଉଛି
ଜଣେ ପାଠକ ନୂଆ ଏକ ଚରିତ୍ରକୁ
ସାହାରା କରି ମଜି ଯାଉଛି କ୍ୟାନଭାସରେ
ଆଉ ଜଣେ ଖଲିଫର୍ ସ୍ୱପ୍ନ ଦେଖୁଛି ଶିଳ୍ପର ଝର୍କା ।

ଓଃ ! ଆପଣ ଷଡ଼ଯନ୍ତ୍ରରେ ଆଗ୍ରହୀ ହୋଇ ଉଠୁଛନ୍ତି
ଭୋକିଲା ଦୁନିଆ ଆଖିରେ ପୂଜନୀୟ ସକାଳ
ଅନ୍ୟ ଏକ ସକାଳ ଲାଗି ରକ୍ତ ଝାରାଉଛି ।

ଏତେ ଦିନ ପରେ ଆପଣଙ୍କ ସହ ମୋର ସାକ୍ଷାତ୍
ତସ୍କରମାନେ ଜାଣନ୍ତି
ଆପଣ ନୂଆ ଏକ ଚରିତ୍ର ନେଇ ମଞ୍ଚରେ ଉପସ୍ଥିତ ହେବେ
ଆପଣଙ୍କୁ ଆମର ଯଥାମାନ୍ୟ ।

ସମସ୍ତେ ଜାଣନ୍ତି
ସହିଦ୍ ଯବାନର କାଠ ଅଚନ୍ଦନ
ପୋଡ଼ି ଅଙ୍ଗାର ହେଲାଣି କେବେଠୁ
ପୋଡ଼ି ଗଲାଣି ନଗର ସଙ୍ଗୀତ
ଭୁଲି ଗଲେଣି ଧର୍ମ ନ୍ୟାୟ
ବେସୁରା ଟୁଙ୍ଗି ଆଖଡ଼ା ଭାଗବତ ।

କିଏ କୁଆଡେ ଯିବେ
ଧ୍ୱଂସ ରେଖା ଏମିତି ଲମ୍ବୁଥିବ କାଳ କାଳକୁ
ଜଳନ୍ତା ପୃଷ୍ଠା ରେ ଲେଖାଥିବା କାହାଣୀ ପରି

+ ଝାଟିପାରି, ଆମ୍ବିକି
ଜଗତସିଂହପୁର- ୩୯( ମୋ)୯୪୩୯୦୭୭୩୯୫

## ॥ ମାରୁଛ ଆମକୁ ତୁମେ ନକ୍ସଲ ସଜାଇ... ॥

### ସୁଶୀଲ୍ କୁମାର ଭୋଇ



ଏଇ ବନ ଉପବନ ପାହାଡ଼ି ଝରଣା
ଆମ ପାଇଁ ସୁଖ-ଦୁଃଖ,
ଶାନ୍ତିର ବେଦନା
ତରୁଲତା ନିର୍ଜନ ଅରଣ୍ୟ ଆମ ପାଇଁ
ହାସ୍ୟ-କ୍ରନ୍ଦନର ସ୍ୱର
ପର୍ବତ ମାଳାର ଗ୍ରନ୍ଥାଘରେ
ଅମୂଲ୍ୟ ପଦାର୍ଥ
ଆମର ହୋଇବି ଆମେ
କରୁନାହୁଁ ଲାଭ ।

ପୁଞ୍ଜିବାଦୀ ସରକାର ବାଣିଜ୍ୟଙ୍କ ସାଥେ
ଶୋଷଣ କରନ୍ତି ବସି ସାଶକଙ୍କ ହିତେ
ଏଇ ଜଙ୍ଗଲ ଏଇ ମାଟି
ଏଇ ଖଣି, ପାଣି
ଲୁଟି ଲୁଟି ସାରିଦେଲ ଶୋଷକ କାରିଣୀ
ସର୍ବହରା କରିଦେଲ ପୁଞ୍ଜିବାଦୀ ଗୋଷ୍ଠୀ ।

ଶାସନ କରୁଛ ତୁମେ ଆମ
ସରଳତାକୁ ନେଇ
ଆମ ସରଳତାକୁ ତୁମେ
ସୁଯୋଗ ଭାବ ନାହିଁ
ଆମ ସ୍ୱପ୍ନ ନୁହଁ ବଡ଼ ଅଟାଳିକା ଘର ଦ୍ୱାର
ଆମ ସ୍ୱପ୍ନ ସୁଖ ଶାନ୍ତି ପ୍ରେମର ଭଣ୍ଡାର
ତା'କୁ ତୁମେ ସବୁବେଳେ ନେଉଛ ଛଡାଇ

ତଥାପି ଆମେ ସହୁଛୁ ମୁଣ୍ଡପାତି ରହି
ସେତିକିରେ ଶାନ୍ତି ନୁହଁ ତୁମ ମନ ଭାବ
ଲୁଟୁଛ, ଶୋଷୁଛ ଆମ ଶରୀରରୁ ରକ୍ତ
କରୁଛ ଆମକୁ ତମ ଶତ୍ରୁର ଭେଷ
ପୁଣି ଦମନ କରୁଛ ତୁମ
ସ୍ୱାର୍ଥ ଆଗେ ରଖି ।

ମୁହେଁ ସ୍ୱରାଜ ମନେ ସ୍ୱାର୍ଥ ମାନ ରଖି ।
ନକ୍ସଲ ସଜାଇ କେବେ
ଦେଶଦ୍ରୋହୀ କହି
ମାରୁଛ ଆମକୁ ଆମ ଭିତରେ ଲଢ଼େଇ
ସଜାଇ କେବେ ନକ୍ସଲ ପୁଣି
ଦେଶଦ୍ରୋହୀ କହି ।
ମାରୁଛ ଆମକୁ ତୁମ ନିଜ ସ୍ୱାର୍ଥ ପାଇଁ ।
ମାରୁଛ ଆମକୁ ତୁମେ ନକ୍ସଲ ସଜାଇ

+ ଭୁବନେଶ୍ୱର-୨
(ମୋ) ୬୩୭୧୭୭୭୮୭୬

# କରୋନା ଯୁଦ୍ଧରେ ନାରୀଙ୍କ ଭୂମିକା ଅତୁଳନୀୟ



ଭୁବନେଶ୍ୱର,୦୭/୦୬ (ନି.ପ୍ର): ସମ୍ପ୍ରତି କରୋନା ମହାମାରୀ ସମୟରେ କେବଳ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୁହେ ବରଂ ସାମାଜିକ, ମାନସିକ ଏବଂ ପାରିବାରିକ ବିକାଶରେ ନାରୀର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ର ସୂଚନା କାର୍ଯ୍ୟଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିବା "କରୋନା ଲଢେଇରେ ନାରୀର ଭୂମିକା" ଶୀର୍ଷକ ୱେବିନାରରେ ଏଭଳି ମତବ୍ୟକ୍ତ କରିଛନ୍ତି ବିଶେଷଜ୍ଞ । ଆନନ୍ଦିନୀ ଶତପଥିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାର ନିର୍ଦ୍ଦେଶକ ଡ.ଗୀତାଞ୍ଜଳୀ ପଦ୍ମନାଭନ କହିଛନ୍ତି ଅନ୍ୟ ରାଜ୍ୟ ତୁଳନାରେ କରୋନାକୁ ନିୟନ୍ତ୍ରଣ କରିବାରେ ଓଡିଶା ବହୁଳ ଭାବେ ସକ୍ଷମ ହୋଇଛି । ମହାମାରୀ ସମୟରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସମସ୍ତେ ବିଶେଷ ଧ୍ୟାନ ଦେବା ସଙ୍ଗେ ସାମାଜିକ ସ୍ତରରେ ନାରୀ ମାନଙ୍କ ପ୍ରତି ପରିବର୍ତ୍ତନ ଆଣିବା ଉଚିତ ବୋଲି ସେ କହିଛନ୍ତି । ଅନ୍ୟତମ ବକ୍ତା ଭାବେ ନୂଆଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାର ଡାଃ.ଟିନା ଗୁପ୍ତା କହିଛନ୍ତି ଗ୍ରାମାଞ୍ଚଳରେ ଆଶା, ଏଏନଏମ, ଅଙ୍ଗନବାଡି ଭଳି ଭୂମିକାରେ ମହିଳା ମାନେ ଯୋଗ ଦେଇ ଏ ମହାମାରୀକୁ ନିୟନ୍ତ୍ରଣ କରିବାରେ ସମ୍ମୁଖ ଯୋଦ୍ଧା ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ପରାମର୍ଶଦାତା ପୂଜାଫୁଲ ପଟ୍ଟନାୟକ କହିଛନ୍ତି ସମ୍ଭାବ୍ୟ କରୋନାର ତୃତୀୟ ଲହରୀକୁ ରୋକିବାକୁ କେବଳ ନାରୀ ନୁହେ ପୁରୁଷ ମାନଙ୍କୁ ମଧ୍ୟ ଦାୟିତ୍ୱବାନ ହେବ ଜରୁରୀ । ସେ ଆହୁରି କହିଛନ୍ତି କରୋନା ସମୟରେ ମହିଳା ମାନଙ୍କର ଅବଦାନକୁ ଶ୍ରେୟ ଦେବା ସଙ୍ଗେ ସେମାନଙ୍କ ତ୍ୟାଗ ସମ୍ପର୍କ ରେ ଲୋକଙ୍କୁ ଅବଗତ କରିବା ଆବଶ୍ୟକ । ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପିକା ଡା. ସୁଜାତା ସେନାପତି ଏବଂ ସମାଜ ସେବୀ ଅଳକନନ୍ଦା ମିଶ୍ର କହିଛନ୍ତି ସୁସ୍ଥ ସମାଜ ଗଠନ କରିବାରେ ନାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡିଶା ପ୍ରାନ୍ତର ଅତିରିକ୍ତ ମହନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର ଚୌଧୁରୀ କହିଛନ୍ତି ନାରୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଜର ଶ୍ରେଷ୍ଠ ଅବଦାନ ଦେବା ସଙ୍ଗେ ସଙ୍ଗେ ପରିବାର ବିକାଶରେ ଅତୁଳନୀୟ ଅବଦାନ କରିପାରିଛି । ନାରୀ ମାନଙ୍କ ବିକାଶ ପାଇଁ ସରକାରୀ ଯୋଜନାରେ ପରିବର୍ତ୍ତନ ଆଣିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ମହିଳା ଏବଂ ପ୍ରବାସୀ ମହିଳା ଶ୍ରମିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ନିରନ୍ତର ଭାବେ ପହଞ୍ଚିବା ଉଚିତ । ଆଲୋଚନାରେ ଅଂଶଗ୍ରହଣ କରି ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ନାରୀ ପୁରୁଷ ଉଭୟଙ୍କ ମଧ୍ୟରେ ସମଭାଗୀ ଓ ସହଯୋଗୀ ମନୋଭାବ ରହି କାର୍ଯ୍ୟ କଲେ କରୋନାକୁ ପ୍ରତିହତ କରିବାରେ ସକ୍ଷମ ହେବା ବୋଲି ମତବ୍ୟକ୍ତ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଢେଙ୍କାନାଳରେ ୧୦୦ ଶଯ୍ୟା ବିଶିଷ୍ଟ ....

ତେବେ ଢେଙ୍କାନାଳ ସମେତ ଓଡ଼ିଶାରେ ଡ଼ାକ୍ତର ଅଭାବ ଏବଂ ଭେଂଟିଲେଟର ଚଲାଇବା ପାଇଁ ଟେକ୍ନିସିଆନଙ୍କ ଅଭାବ ରହିଛି । ତେଣୁ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଢେ଼ଙ୍କାନାଳ କଲେଜରେ ମେଡ଼ିକାଲ କଲେଜ୍ ଖୋଲାଯିବାର ଆବଶ୍ୟକତା ରହିଛି । ଲୋକାର୍ପିତ କୋଭିଡ୍ ହସ୍ପିଟାଲ ଉପରେ ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ୧୫ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ଭୂଷଣ ଷ୍ଟିଲ୍ ଲିମିଟେଡ୍ ସହଯୋଗରେ ଅକ୍ସିଜେନ୍ ସୁବିଧା ସହ ଏହି କୋଭିଡ୍ ହସ୍ପିଟାଲକୁ ବିକଶିତ କରାଯାଇଛି । ଏଠାରେ ଅକ୍ସିଜେନ୍ ସୁବିଧା ସହ ୯୦ଟି ସାଧାରଣ ଶଯ୍ୟା ଏବଂ ଭେଂଟିଲେଟର ସହ ୧୦ଟି ଆଇସିୟୁ ବେଡ୍ ରହିଛି । ଏହି କୋଭିଡ୍ ହସ୍ପିଟାଲ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ରୋଗୀଙ୍କୁ ସୁବିଧା ପ୍ରଦାନ କରିବ । ଲୋକାର୍ପିତ ଏହି ହସ୍ପିଟାଲକୁ ଅନ୍ତତଃ ୩ ମାସ ମାଇଁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଟାଟା ଷ୍ଟିଲ ବିଏସଏଲର ଅଧ୍ୟକ୍ଷ ଟିଭି ନରେନ୍ଦ୍ରନଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷର ସମସ୍ତ ଷ୍ଟିଲ୍ କାରଖାନା ନିକଟବର୍ତ୍ତୀ ଅଂଚଳରେ ଅକ୍ସିଜେନ୍ ଆଧାରିତ କୋଭିଡ୍ ହସ୍ପିଟାଲ କରିବା ପାଇଁ ଆହ୍ୱାନ କରିଛନ୍ତି । 'ଯେଉଁଠି ସମସ୍ୟା, ସେଇଠି ଚିକିତ୍ସା', ଏଭଳି ପରିକଳ୍ପନା ପ୍ରଧାନମନ୍ତ୍ରୀ କରିଛନ୍ତି । ଏହି ଆହ୍ୱାନକୁ ସ୍ୱୀକାର କରି ଢେ଼ଙ୍କାନାଳ ସମେତ ବିଭିନ୍ନ ସ୍ଥାନରେ କୋଭିଡ୍ ହସ୍ପିଟାଲ୍ ପ୍ରତିଷ୍ଠା କରିବା ପାଇଁ ଟାଟା ଷ୍ଟିଲ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଭାରତବର୍ଷରେ ଇସ୍ପାତ୍ ଉତ୍ପାଦନକାରୀ କମ୍ପାନୀମାନେ ଇସ୍ପାତ୍ ଉତ୍ପାଦନ କମ୍ କରି ଅକ୍ସିଜେନ୍ ଉତ୍ପାଦନକୁ ବଢ଼ାଇ ଦେଶର ଆବଶ୍ୟକତାକୁ ପୂରଣ କରିଛନ୍ତି ।

### କୁନି ପିଲାଙ୍କ ପାଇଁ କରୋନା ....

ତେବେ ପରୀକ୍ଷଣ ପାଇଁ ବଛା ଯାଇଥିବା ସ୍ୱେଚ୍ଛସେବୀ ପିଲାଙ୍କୁ ୩ଟି ବିଭାଗରେ ବିଭକ୍ତ କରାଯାଇଛି । ପ୍ରଥମ ଗ୍ରୁପରେ ୧୨ ରୁ ୧୮ ବର୍ଷ ବୟସର ପିଲା ରହିଛନ୍ତି, ଦ୍ୱିତୀୟ ଗ୍ରୁପରେ ୬ରୁ ୧୨ ବର୍ଷ ଭିତରେ ପିଲା ଅଛନ୍ତି, ଏବଂ ତୃତୀୟ ଗ୍ରୁପରେ ୨ ରୁ ୬ ବର୍ଷ ମଧ୍ୟରେ ପିଲାଙ୍କୁ ବଛା ଯାଇଛି, ପରୀକ୍ଷଣ ଆଗରୁ ପିଲାଙ୍କର ଆଂଟିବଡି ପରଖାଯିବ ବୟସ୍କଙ୍କ ଭଳି ପିଲାଙ୍କ କୋଭାକ୍ସିନ ଟିକାର ପରୀକ୍ଷଣ କରାଯିବ । କିଛିଦିନ ଆଗରୁ ଏମ୍ସ ପଟାନରେ ଭାରତ ବାୟୋଟେକର ଟିକାକୁ ଅନୁମତି ମିଳିବା ପରେ ପିଲାଙ୍କ ପରୀକ୍ଷଣ ଆରମ୍ଭ ହୋଇସାରିଛି । ଭାରତୀୟ ଡ୍ରଗ୍ସ କଂଟ୍ରୋଲ ଜେନେରାଲ ଗତ ମେ ୧୨ ତାରିଖରେ କୋଭାକ୍ସିନ ଟିକାର ପିଲାଙ୍କ ଉପରେ ମାନବ ପରୀକ୍ଷଣ ପାଇଁ ଅନୁମତି ପ୍ରଦାନ କରିଥିଲା । ଚଳିତ ବର୍ଷ ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ହିଁ କୋଭାକ୍ସିନର ଜରୁରୀ କାଳିନ ବ୍ୟବହାର ପାଇଁ ସରକାର ଅନୁମତି ପ୍ରଦାନ କରିଥିଲେ । ଆଗ ଧାଡିର କର୍ମଚାରୀଙ୍କ ଟିକାକରଣ ୨ ଫେବ୍ରୁୟାରୀରୁ ଆରମ୍ଭ ହୋଇଥିଲା । ମାର୍ଚ୍ଚ ୧ରୁ ୪୫ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଟିକାକରଣ ପାଇଁ ଅନୁମତି ମିଳିଲା । ଏହାପରେ ମେ ୧ରୁ ୧୮ରୁ ୪୪ ବର୍ଷ ବୟସ ମଧ୍ୟରେ ବ୍ୟକ୍ତିଙ୍କ ଟିକାକରଣ ଆରମ୍ଭ ହୋଇଥିଲା ।

### ୧୭ ଜିଲ୍ଲାକୁ ୟେଲୋ....

ହେବ ବୋଲି କେନ୍ଦ୍ର କହିଛି । ଆଜି ଅପରାହ୍ନରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଆଦି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବ । ସେହିପରି ୮ ତାରିଖ ଦିନ ୪ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହାସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି । ୯ତାରିଖ ଦିନ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବ ।

### ଦେଶରେ ଖୋଲୁଛି ତାଲା : ମୁମ୍ବାଇରେ....

୨୫ପ୍ରତିଶତରୁ କମ ଅଧିକୃତ ଅଛି ସେଠାରେ ସମ୍ପୂର୍ଣ୍ଣ ଭାବେ ଅନଲକ କରାଯିବ । ମୁମ୍ବାଇରେ ରେଷ୍ଟୁରା ଓ ଅନ୍ୟାନ୍ୟ ଦୋକାନ ଖୋଲିବାକୁ ଅନୁମତି ଥିବା ବେଳେ ମଲ ଓ ଥିଏଟର ଖୋଲିବାକୁ ଅନୁମତି ନାହିଁ । ତେବେ ଅତ୍ୟାବଶ୍ୟକ ଯୋଗାଉ ଥିବା କର୍ମଚାରୀଙ୍କୁ ନେଇ ଲୋକାଲ ଟ୍ରେନ ଚଳାଚଳ କରିବ । ଏହାସହ ମୁମ୍ବାଇରେ ଆଜିଠୁ ବସ ବି ଗଡ଼ିଛି । ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହରର ଦ୍ରୁତ ସଂକ୍ରମଣ ଯୋଗୁଁ ଦୁଇ ମାସରୁ ଅଧିକ ସମୟ ଧରି ଅନେକ ରାଜ୍ୟରେ ତାଲାବନ୍ଦ ହୋଇଥିଲା । ଏବେ ସଂକ୍ରମଣ କମିବା ଯୋଗୁଁ ପର୍ଯ୍ୟାୟ କ୍ରମେ ତାଲାବନ୍ଦ କୋହଳ କରାଯାଉ ଥିବା ବେଳେ କୋଭିଡ଼ ନିୟମକୁ କଡାକଡ଼ି ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

## ଅଦ୍ୟାବଧି ୮ ଲକ୍ଷ ୪୫ ହଜାର ୯୩୧ ମେଟ୍ରିକ୍ ଟନ୍ ରବିଧାନ ସଂଗୃହୀତ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୧୭ଟି ଜିଲ୍ଲାରୁ ଅଦ୍ୟାବଧି ୮ ଲକ୍ଷ ୪୫ ହଜାର ୯୩୧ ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ କରାଯାଇଛି । ମଣ୍ଡିରେ ସାମାଜିକ ଦୂରତ୍ୱ ଓ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବରେ ଅନୁପାଳନ କରାଯାଇ ରବିଧାନ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଚଳିତ ବର୍ଷ ରବିଧାନ ବିକ୍ରି ନିମନ୍ତେ ରାଜ୍ୟର ମୋଟ ୨ ଲକ୍ଷ ୩୨ ହଜାର ୪୦୯ ଜଣ ଚାଷୀ ସେମାନଙ୍କ ନାମ ପଂଜୀକରଣ କରିଥିବାବେଳେ ୨ ଲକ୍ଷ ୨୨ ହଜାର ୮୨୩ ଜଣ ଚାଷୀଙ୍କ ଜମିଜମା ତଥ୍ୟ, ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ ଓ ଜଳସେଚିତ ଜମିର ପରିମାଣ ଆଦି ତଥ୍ୟର ଯାଂଚ ପ୍ରକ୍ରିୟା ସରିଛି । ଏଥିମଧ୍ୟରୁ ଅଦ୍ୟାବଧି ୧ ଲକ୍ଷ ୨୬ ହଜାର ୪୫୨ ଜଣ ପଂଜୀକୃତ ଚାଷୀମାନଙ୍କ ଠାରୁ ରବିଧାନ ସଂଗ୍ରହ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୧୫୮୦ କୋଟି ୨୦ ଲକ୍ଷ ଟଙ୍କା । ରାଜ୍ୟରେ ୧୭ଟି ଜଲ୍ଲାରୁ ରବିଧାନ ସଂଗ୍ରହ ହେଉଥିବାବେଳେ ଅଧିକ ଧାନସଂଗ୍ରହ କରାଯାଇଥିବା ଜିଲ୍ଲା ମଧ୍ୟରୁ ବରଗଡ଼ ଜିଲ୍ଲାରେ ୩,୬୭,୭୧୨ ମେଟ୍ରିକ୍ ଟନ୍, ସୁବର୍ଣ୍ଣପୁରରେ ୧,୩୯,୫୮୯ ମେଟ୍ରିକ୍ ଟନ, କଳାହାଣ୍ଡି ୧,୨୦,୧୯୧ ମେଟ୍ରିକ୍ ଟନ, ସମ୍ବଲପୁର ୯୪,୦୫୭ ମେଟ୍ରିକ୍ ଟନ୍, କୋରାପୁଟ ୩୪,୯୧୭ ମେଟ୍ରିକ୍ ଟନ ଓ ବାଲେଶ୍ୱର ଜିଲ୍ଲାରୁ ୨୭,୧୩୦ ମେଟ୍ରିକ୍ ଟନ ରବିଧାନ ସଂଗ୍ରହ ହୋଇଛି ।

## ୧୮-୪୪ ବୟସ୍କଙ୍କ ପାଇଁ ଟିକାକରଣ ଆରମ୍ଭ

### ବାରିପଦାର ୧୧ଟି ସ୍ଥାନରେ ହେବ ଟିକାକରଣ

ବାରିପଦା,୦୭/୦୬ (ନି.ପ୍ର): କରୋନା ଟୀକାକରଣ ପାଇଁ ଯୁବ ପିଢିଙ୍କ ଅପେକ୍ଷାର ଅନ୍ତ ଘଟିଛି । ସରକରଙ୍କ ପକ୍ଷରୁ ୧୮-୪୪ ବୟସ ବର୍ଗର ଲୋକଙ୍କ ପାଇଁ କୋଭିଡ-୧୯ ଟୀକାକରଣ ଆରମ୍ଭ ହୋଇଛି । ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ସୋମବାର ସକାଳ ୯ଘଟିକା ଠାରୁ ଦିନ ୨ଟା ମଧ୍ୟରେ ସହରର ୧୧ଟି ବିଭିନ୍ନ ସ୍ଥାନରେ ଟୀକାକରଣର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଛି । ବରିପଦା ଟାଉନ ଅଞ୍ଚଳର ପିଆରଏମ୍ ହସ୍ପିଟାଲର , ଏଏନଏମ ତାଲିମ କେନ୍ଦ୍ର, ଦେବେନ୍ଦ୍ରପୁର ଅଞ୍ଚଳର ସହରାଞ୍ଚଳ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର, ବାଲେଶ୍ୱର ଗୋଲେଇ ସ୍ଥିତ ଶରତ ଚନ୍ଦ୍ର ବିଦ୍ୟାପୀଠ, ଏମକେସି ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁର ଉଚ୍ଚ ବିଦ୍ୟାଳୟ, ବେଲଗଡିଆ ୟୁପି ବିଦ୍ୟାଳୟ, ମଧୁବନ ବାତ୍ୟା ଆଶ୍ରୟସ୍ଥଳୀ, ଶ୍ରୀପଦଗଞ୍ଜ ବନ୍ୟା ଆଶ୍ରୟସ୍ଥଳି, ସୁନାମୁହିଁ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ରପୁର ୟୁପି ବିଦ୍ୟାଳୟ ଓ କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରମୁଖ ୧୧ଟି ସ୍ଥାନରେ ଟୀକାକରଣର ବ୍ୟବସ୍ଥା ବାରିପଦା ମୁନିସିପାଲିଟି ପକ୍ଷରୁ କରାଯାଇଛି । ଉପରୋକ୍ତ ଟୀକାକରଣ ସ୍ଥାନଗୁଡିକ ପାଇଁ ସ୍ଲଟ୍ ବୁକିଂ ୦୬/୦୬/୨୧(ରବିବାର) ଅପରାହ୍ନ ଠାରୁ କୋଉଇନ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ହିତାଧିକାରୀଙ୍କ ପାଇଁ ଖୋଲାଯାଇଛି । କୋଉଇନ୍ ପୋର୍ଟାଲ ସମ୍ବନ୍ଧୀୟ ପ୍ରଶ୍ନଗୁଡିକର ସମାଧାନ ପାଇଁ ମୋନଂ-୯୪୩୭୬୧୦୧୧୧/୭୦୦୮୭୧୦୦୫୭/୭୮୧୫୦୯୯୫୫୧ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଏକ ପ୍ରେସ ବିବୃତିରେ କୁହାଯାଇଛି । ସେପଟେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ଟୀକାକରଣ ପୂର୍ବ ପରି ପିଆରଏମ୍ ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍ ଏବଂ ଦେବେନ୍ଦ୍ରପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରରେ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି ।

## ବିଜେପି ପକ୍ଷରୁ ଚାଷୀଙ୍କ ରବିଧାନ କ୍ରୟ ଦାବି



ବାଲେଶ୍ୱର,୦୭/୦୬ (ନି.ପ୍ର): ବାଲେଶ୍ୱର ଜିଲାରେ ଚାଷୀଙ୍କ ରବିରତୁ ଧାନ କିଣାରେ ସରକାରୀ ଅବ୍ୟବସ୍ଥାକୁ ନେଇ ଜିଲା ପିଜେପି ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ଓ ଜିଲା ବିଜେପି କୃଷକ ମୋର୍ଚ୍ଚା ସଭାପତି କୈଳାସ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲାପାଳଙ୍କୁ ଭେଟି ସଂପ୍ରତି ଜିଲାରେ ଚାଷୀଙ୍କଠାରୁ ରବିଧାନ କିଣାରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଗତ ମେ ମାସ ୧୦ ତାରିଖରୁ ଜିଲାରେ ଧାନ କିଣା ଆରମ୍ଭ ହୋଇଥିଲେ ବି ଅଦ୍ୟାବଧି ପଞ୍ଜୀକୃତ ସମସ୍ତ ଚାଷୀଙ୍କଠାରୁ ଧାନ କ୍ରୟ କରାନଯିବା ଯୋଗୁଁ ବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ଅଭାବନୀୟ ସ୍ଥିତି ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଅବଗତ କରିଥିଲେ । ଚାଷୀଙ୍କୁ ଉଚିତ ମୂଲ୍ୟ ଦେଇ ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କଠାରୁ ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରିମାଣର ଅର୍ଥ ଯୋଗାଇ ଦେଉଥିବା ବେଳେ ଜିଲା ଯୋଗାଣ ବିଭାଗ ଓ ପ୍ରାଥମିକ କୃଷି ସମବାୟ ସମିତି କର୍ମକର୍ତ୍ତାଙ୍କ ଉଦାସୀନତା ଯୋଗୁଁ ଏଭଳି ବିଭ୍ରାଟ ଦେଖା ଦେଇଥିବା ବିଜେପି ପକ୍ଷରୁ ଆରୋପ ହୋଇଛି । ମୁଣ୍ଡ ଉପରେ ବର୍ଷାରତୁ ଥିବା ବେଳେ ଚାଷୀ ଏବେ ବାଧ୍ୟ ହୋଇ ବାହାର ବେପାରୀଙ୍କୁ କମ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ପଞ୍ଜୀକୃତ ଜିଲାର ସମସ୍ତ ଚାଷୀଙ୍କଠାରୁ ଟୋକନ ପରିମାଣ ଅନୁସାରେ ଧାନ ତୁରନ୍ତ କୟ କରିବାକୁ ବିଜେପି ର୍ମକର୍ତ୍ତାମାନେ ଦାବି କରିଥିଲେ । ଏହି ଅବସରରେ ଜିଲା ବିଜେପି କୃଷକ ମେର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## ମଣିପାଟଣା ଗାଁକୁ ରାସ୍ତା ନିର୍ମାଣ ବେଳେ ବିରୋଧ

ଜଳେଶ୍ୱର,୭/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ମଣିପାଟଣା ଗାଁକୁ ସବୁଦିନିଆ ରାସ୍ତାଟିଏ ନାହିଁ । ମ୍ୟୁନିସିପାଲଟି କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଏହି ହରିଜନ ଗାଁକୁ ଯିବାଲାଗି ୨ କିମି. ହିଡ ରାସ୍ତାରେ ଯିବାକୁ ପଡେ । ଫଳରେ ଆମ୍ବୁଲାନ୍ସ, ଦମକଳ କିମ୍ବା ଚାରିଚକିଆ ଯାନ ଯିବା ଅସମ୍ଭବ ହୋଇପଡେ । ଜଳେଶ୍ୱର ସ୍ୱୟଉଶାସନ ହେବାର ୫୭ ବର୍ଷ ପରେ ମଧ୍ୟ ସେହି ଗାଁକୁ ସବୁଦିନିଆ ରାସ୍ତା କେବଳ ପ୍ରତିଶୃତିରେ ରହିଯାଇଛି । ପୂର୍ବରୁ ଏହି ଗାଁକୁ ବିଦ୍ୟୁତ୍ ଓ ଜଳଯୋଗାଣ ଆରମ୍ଭ ହୋଇଥିଲା । ବିଧାୟକ ଅଶ୍ୱିନୀ ପାତ୍ରଙ୍କ ପ୍ରଚେଷ୍ଟାରେ ଏହି ଗାଁକୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏହି କଂକ୍ରିଟ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଜମିମାଲିକ ମାନେ ଏହାକୁ ବିରୋଧ କରୁଛନ୍ତି ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି । ଆସନ୍ତା ଦିନରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ଆସିବାର ପ୍ରଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି । ଅଲାଲପୁର ଗାଁର ଶଶିଭୂଷଣ ପାତ୍ର, ସୁମିତ୍ରା ପାତ୍ର, ଶରତ ସିଂହ, ବିଷ୍ଣୁମହନ ପାତ୍ର, ଉର୍ମିଳା ପାତ୍ରଙ୍କ ସ୍ଥିତିବାନ ଜମି ଉପର ଦେଇ ସରକାରୀ ଅର୍ଥରେ ଏହି ରାସ୍ତା ଯାଉଥିବାରୁ ସେମାନେ ଜିଲାପାଳ, ମ୍ୟୁନିସିପାଲଟି ଓ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି ।


## ୪ ଜଣିଆ କେନ୍ଦ୍ରୀୟ ଟିମର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ



ବାଲେଶ୍ୱର,୦୭/୦୬ (ନି.ପ୍ର): ବାଲେଶ୍ୱରରେ ବାତ୍ୟା କ୍ଷୟକ୍ଷତି ସାଙ୍ଗକୁ ଜିଲାରେ ବନ୍ୟା-ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଅନୁଧ୍ୟାନ କରିଛି ୪ ଜଣିଆ କେନ୍ଦ୍ରୀୟ ଟିମ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଯୁଗ୍ମ ଶାସନ ସଚିବ ସୁନୀଲ ବର୍ଣ୍ଣୱାଲଙ୍କ ନେତୃତ୍ୱରେ ୭ ଜଣିଆ ଟିମ ଗତକାଲି ଭୁବନେଶ୍ୱର ପହଞ୍ଚିବା ପରେ ଏଥିରୁ ୪ଜଣିଆ ଟିମ ସୋମବାର ବାଲେଶ୍ୱରର ବାତ୍ୟାଞ୍ଚଳ ପରିଦର୍ଶନ କରି ଫେରିଯାଇଛନ୍ତି । ଏହି ଟିମ ରିଜର୍ଭ ପୁଲିସ ପଡ଼ିଆରେ ପହଞ୍ଚିବା ପରେ ପ୍ରଥମେ ସର୍କିଟ ହାଉସକୁ ଯାଇଥିଲେ । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିବା ସହ ବାତ୍ୟାଞ୍ଚଳ ପରିଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଟିମ ସଦର ବ୍ଲକର ସାର୍ଥା, ଚାନ୍ଦିପୁର ବଳରାମଗଡ଼ି, ପରିଖି ପ୍ରଭୃତି ଅଞ୍ଚଳ ବୁଲିବା ପରେ ସୋରଓ ବାହାନଗା ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇଥିଲେ । କେନ୍ଦ୍ରୀୟ ଯୁଗ୍ମ ସଚିବ ଶ୍ରୀ ବର୍ଣ୍ଣୱାଲଙ୍କ ସମେତ କୈଳାସ କୁମାର, ଶିଶିର ପ୍ରଧାନ ଓ ଦିଗମ୍ବର ସ୍ୱାଇଁ ଏହି ଟିମରେ ଆସିଥିଲେ । ଏଠାରୁ ଫେରିବା ପରେ ସେମାନେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ । ତେବେ ଏହି ଟିମ ପରିଦର୍ଶନ ବେଳେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପ-ଜିଲାପାଳ ପାଟିଲ ଆଶିଷ ଈଶ୍ୱର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ । ସଂଧ୍ୟାରେ ଏହି ଟିମ ବାଲେଶ୍ୱର ଜିଲା ପ୍ରଶାସନର ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଥିଲେ ।

## ପ୍ରତୀକାତ୍ମକ ଭାବରେ ଜଉକଣ୍ଢେଇ ବାହାଘର ଉତ୍ସବ ପାଳିତ

### ୫ ଦିନର ବିଶାଳ ଓ ଆକର୍ଷଣୀୟ ଉତ୍ସବକୁ ୫ ଘଣ୍ଟାରେ ସାରିଲା ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି



ବାଲେଶ୍ୱର,୦୭/୦୬(ନି.ପ୍ର): ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଲପକ୍ଷ ଦଶମୀରୁ ଚତୁର୍ଦ୍ଦଶୀ ତିଥିରେ ୫ ଦିନ ଧରି ବହୁ ଧୁମଧାମରେ ପାଳନ କରାଯାଉଥିବା ବାଲେଶ୍ୱରର ଜଉକଣ୍ଢେଇ ବାହାଘର ଉତ୍ସବ ଚଳିତ ବର୍ଷ ପାଞ୍ଚ ଘଣ୍ଟାରେ ନିରାଡ଼ମ୍ବର ଭାବରେ ବିଧି ରକ୍ଷା କରାଯାଇ ଜଉକଣ୍ଢେଇ ବାହାଘର ପାଳନ କରାଯାଇଛି । ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗରର ଦୁବଲାଗଡ଼ରେ ପ୍ରତୀକାତ୍ମକ ଭାବରେ ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ଏହି ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଦୁଇ ଜଉକଣ୍ଢେଇ ଶିଳ୍ପୀ ପରିବାର ଆଗେଇ ଆସିଥିଲେ । ବର କର୍ତ୍ତାକର୍ତ୍ତୀ ଭାବରେ ମଦନ ମୋହନ ସାହୁ ଓ ସୁକାନ୍ତି ସାହୁ ଓ କନିଆ କର୍ତ୍ତାକର୍ତ୍ତୀ ଭାବରେ ଭବେନ୍ଦ୍ରନାଥ ଦେ ଓ କବିତା ଦେ ବିବାହ କାର୍ଯ୍ୟକୁ ସଂପାଦନ କରିଛନ୍ତି । କମିଟିର ପ୍ରଥାନୁଯାୟୀ ବରକନ୍ୟା ଉଭୟ ପକ୍ଷ ଉଭୟକୁ ଯୌତୁକ ପ୍ରଦାନ କରି କନିଆକର୍ତ୍ତା ପକ୍ଷରୁ ୟଶ୍ ବାତ୍ୟା ଜନିତ ସବୁଜିମାର କ୍ଷୟକ୍ଷତିର ଭରଣା ପାଇଁ ଚାରାଗଛ ପ୍ରଦାନ କରିଥିବା ବେଳେ ବର ପକ୍ଷରୁ କୋଭିଡ ୧୯ ପାଇଁ ମାସ୍କ ଓ ସେନିଟାଇଜର ବଣ୍ଟନ ପ୍ରଦାନ କରିଥିଲେ । ପ୍ରତିବର୍ଷ ହଜାର ହଜାର ଲୋକ ଯୋଗ ଦେଇଥିବା ବେଳେ ଚଳିତ ବର୍ଷ ୨୦ ଜଣ ଯୋଗ ଦେଇଥିଲେ । ଏଥିରେ କମିଟିର ସଂପାଦକ ଡ କୁମାର ଗୋପାଳ, ରାଜେଶ ଗିରି, ଜୟଶ୍ରୀ ସାହୁ, ପ୍ରଶାନ୍ତ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ ପରିଡ଼ା ସହ ପର୍ଶୁରାମ ବେହେରା, ଅଜୟ ମଇକାପ୍, ଅମୂଲ୍ୟ ସାହୁ, କମଲ ଦାସ, ଜୟକୃଷ୍ଣ ସାହୁ, ଜିତେନ୍ଦ୍ର ନାୟକ, ପ୍ରୀତମ ନାୟକ, ଜଉକଣ୍ଢେଇ ଶିଳ୍ପୀଗୁରୁ କନକଲତା ଦାସ ଉପସ୍ଥିତ ହୋଇ ବରକନ୍ୟାଙ୍କୁ ଆଶିର୍ବାଦ କରିଥିବା ବେଳେ ସରକାରୀ କୋଭିଡ ନିୟମକୁ ପାଳନ କରି ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ଉପସ୍ଥିତ ହୋଇ ପାରି ନଥିଲେ ସୁଦ୍ଧା ସଭାପତି ସୁବାସିନୀ ଜେନା, ଉପସଭାପତି ଅଞ୍ଜଳି ପଣ୍ଡା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର, ସହ ସଂପାଦନ ରଘୁନାଥ ଲେଙ୍କା, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ଇଂ ହୃଶିକେଷ ସାହୁ, ବ୍ରହ୍ମନାଥ ରଥ, ମନୋସ୍ୱିନୀ ଦେବୀ, ସୁଶାନ୍ତ କୁମାର ଦାସ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆବାହକ ଶିଳ୍ପୀ କେଶୁଦାସ ସୁଚାରୁରୂପେ ତୁଳାଇ ଥିଲେ ।

## "ସେବା ହିଁ ସଂଗଠନ" ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ




ଜଳେଶ୍ୱର,୭/୬ (ନି.ପ୍ର) : କରୋନାର ୨ୟ ଲହର ଯୋଗୁଁ ଜୀବିକା ହରାଇଥିବା ବହୁ ମନ୍ଦିର ପୂଜକ ମାନଙ୍କୁ ଜଳେଶ୍ୱର ବିଜେପି ପକ୍ଷରୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି । ଭାଜପା କେନ୍ଦ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଆହ୍ୱାନକ୍ରମେ ରାଜ୍ୟ ସଭାପତି ଓ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସେବାହିଁ ସଂଗଠନ ମନ୍ତ୍ରକୁ ଆଧାର କରି ଏପରି କାର୍ଯ୍ୟ କ୍ରମ ଆରମ୍ଭ କରାଯାଇଥିବା ଜଣାଯାଇଛି । ପୂଜକ ମାନଙ୍କୁ ଭତ୍ତା ପ୍ରଦାନ ଲାଗି ସରକାରଙ୍କ ନିକଟରେ ଆଜିର କାର୍ଯ୍ୟକ୍ରମରେ ଦାବୀ କରାଯାଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ଗିରିଶ ପାଣିଗ୍ରାହୀ, ରୁଦ୍ରନାରାୟଣ ପଣ୍ଡା, ବ୍ରଜମୋହନ ନନ୍ଦ, ଲୋକନାଥ ଧର, ଦେବବ୍ରତ ପାଣିଗ୍ରାହୀଙ୍କ ସହିତ ଅଂଜନ ଦାସ, ଅରୁଣ ଦାସ, ସଂଜୀବ ପ୍ରଧାନ, ରାଜୀବ ଘୋଷ, ଗୌରୀଶଂକର ଦଳେଇ, ଦୀପକ ଚୌରାସିଆ, ଅରୁଣ ଦାସ, ତନ୍ମୟ ଚାନ୍ଦ, ରଂଜନ ପାତ୍ର, ବାଙ୍କବିହାରୀ ଦାସ, ମାନସ ପ୍ରଧାନ, ରାଜୀବ ଜେନା, ଗୌରୀଶଂକର ରଣା, ନଗେନ୍ଦ୍ର ପାତ୍ର, ସୂର୍ଯ୍ୟକାନ୍ତ ଗିରି, ବିବେକାନନ୍ଦ ବେହେରା ଉପସ୍ଥିତ ଥିଲେ ।

# ବାତ୍ୟା 'ୟାସ୍'ର କ୍ଷୟକ୍ଷତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ପ୍ରତିନିଧି ଦଳ

ଭଦ୍ରକ,୦୭/୦୬ (ନି.ପ୍ର): ନିକଟ ଅତୀତରେ ବାତ୍ୟା ୟଶ ଭଦ୍ରକ ଜିଲ୍ଲାରେ ପ୍ରଭୁତ କ୍ଷତି ଘଟାଇ ଯାଇଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳ। ବାତ୍ୟା ଜନିତ କ୍ଷୟକ୍ଷତିର ଅନୁଧ୍ୟାନ ନିମନ୍ତେ ଆଜି କେନ୍ଦ୍ର ସରକାରଙ୍କ ଏକ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଧାମରା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟର ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବ, ବିତ୍ତ ମନ୍ତ୍ରାଳୟର ଯୁଗ୍ମ ନିର୍ଦ୍ଦେଶକ (ବ୍ୟୟ) ସୂରଜ କୁମାର ପ୍ରଧାନ ଓ ସଡକ ପରିବହନ ବିଭାଗର ନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ମହାପାତ୍ର ଧାମରା ଠାରେ ହ୍ୟାଲିପ୍ୟାଡରେ ହେଲିକ୍ୟାପ୍ଟର ଯୋଗେ ଆସି ଉହ୍ଲାଇଥିଲେ। ସେମାନଙ୍କୁ ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ସ୍ୱାଗତ କରିଥିଲେ। ଏହି କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପ୍ରଥମେ ଧାମରା ବନ୍ଦର ଗେଟ ସମ୍ମୁଖରେ ଥିବା ୧୧ କେ.ଭି. ବିଦ୍ୟୁତ ସବ୍‌ଷ୍ଟେସନର ମରାମତି କାର୍ଯ୍ୟ ତଦାରଖ କରିଥିଲେ। ପରେ ଦୋସିଙ୍ଗା ପଞ୍ଚାୟତର ଅମରନଗର, ସାବିତ୍ରୀ ସରାଇ, ଜ୍ୟୋସ୍ନାମୟୀନଗର ଗ୍ରାମର ଘରଭଙ୍ଗା ଦେଖିଥିଲେ। ସେଠାରୁ ଜୟଦୁର୍ଗାପାଟଣା କିଆନାଳୀ ସ୍ଲୁଇସ୍ ଗେଟର ଅବସ୍ଥା, ଦୋସିଙ୍ଗା ପଞ୍ଚାୟତର ୩୩ କେ.ଭି.ଏ. ବିଦ୍ୟୁତ ଷ୍ଟ୍ରକ୍‌ଚର, ଜାଗୁଲା ପଞ୍ଚାୟତର ଜାଲିପାଇକସାହି ଗ୍ରାମ, ନରସିଂହପୁର ଛକଠାରେ ଆର୍.ଡି. ରାସ୍ତାର କ୍ଷୟକ୍ଷତି, ଓରାମାଳ ଗ୍ରାମର କ୍ଷତି, ବଳଭଦ୍ରପ୍ରସାଦ ଗ୍ରାମର ବିଦ୍ୟୁତ ଓ ଗୃହର କ୍ଷୟକ୍ଷତି ଅନୁଧ୍ୟନ କରିଥିଲେ। ପରେ ଡ. ଦାସଙ୍କ ଅଧ୍ୟକ୍ଷତାରେ ଧାମରା ବନ୍ଦର ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ରିପୋର୍ଟରେ ଜନସାଧାରଣଙ୍କ ସମ୍ପତି ୨୬୭ କୋଟି ୨ ଲକ୍ଷ ୮୮ ହଜାର, ଘରଭଙ୍ଗା କ୍ଷତି ୩ କୋଟି ୨୨ ଲକ୍ଷ ୧୦ ହଜାର ୭ଶହ, ଚାଷ ୧ କୋଟି ୧ ଲକ୍ଷ ୭୦ ହଜାର ୮୮୦ଟଙ୍କା, ମତ୍ସ୍ୟ ୯୫ ଲକ୍ଷ ୫୯ ହଜାର୨୨୬ ଟଙ୍କାର କ୍ଷତି ଘଟିଛି ବୋଲି କୁହାଯାଇଛି।

# ୨୪ଘଣ୍ଟିଆ ବିଦ୍ୟୁତ ଯୋଗାଣ ଦାବିରେ ଏସଡିଓ ଅଫିସ ଘେରିଲା ବିଜେପି



ବାଲେଶ୍ୱର,୦୭/୦୬ (ନି.ପ୍ର): ବାଲେଶ୍ୱର ସହର ସମେତ ସମଗ୍ର ଜିଲାରେ ଗତ କିଛିଦିନ ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଜାରି ରହିଥିବା ମନ୍ଥର ମରାମତି ଧାରାକୁ ନେଇ ବିଜେପି ପକ୍ଷରୁ ଆଜି ଟାଟା ପାୱାରର ଆଞ୍ଚଳିକ ଏସଡିଓ ଅଫିସ ଘେରାଓ କରାଯାଇଥିଲା। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ କୋଭିଡ ନିୟମକୁ ପାଳନ ପୂର୍ବକ ବାଲେଶ୍ୱର ନଗର ବିଜେପିର କର୍ମକର୍ତ୍ତା ଓ ସଦସ୍ୟମାନେ କାଳୀମନ୍ଦିର ପାର୍ଶ୍ୱ ଏସଡିଓ କାର୍ଯ୍ୟାଳୟ ଘେରାଓ କରିଥିଲେ। ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ବିଜେପି କର୍ମୀମାନେ ଏହି କାର୍ଯ୍ୟାଳରେ ତାଲା ପକାଇ ଧାରଣା ଦେଇଥିବା ଲକ୍ଷ୍ୟ କରାଯାଇଥିଲା। କେନ୍ଦ୍ରର ମୋଦି ସରକାର ହଜାର ହଜାର କୋଟି ଟଙ୍କା ବିଦ୍ୟୁତ ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଦେଉଥିବା ବେଳେ ଏଠାରେ ଲୋକେ ବିଦ୍ୟୁତ ପାଇଁ ନାହିଁନଥିବା ସମସ୍ୟା ଭୋଗୁଛନ୍ତି ବୋଲି ଶ୍ରୀ ଦତ୍ତ ଆରୋପ ଉଠାଇଥିଲେ। ଗତ ଉପ-ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଖୋଦ ବାଲେଶ୍ୱରର ଦାୟିତ୍ୱ ନେଇଥିବା ପ୍ରତିଶ୍ରୁତି ଦେଇଥିବା ବେଳେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣରେ ଏଭଳି ଅବସ୍ଥା କେଉଁ ନୀତିରେ ବୋଲି ସେ ପ୍ରଶ୍ନ କରିଥିଲେ। ୟସ ବାତ୍ୟାକୁ ଦୀର୍ଘଦିନ ବିତି ଯାଇଥିଲେ ବି ଅଦ୍ୟାବଧି ବିଭିନ୍ନ ଗ୍ରାମର ବିଦ୍ୟୁତ ବ୍ୟବସ୍ଥା ଠିକ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବିଜେପି କର୍ମକର୍ତ୍ତାମାନେ ଆରୋପ କରିଥିଲେ। ତେବେ ଖବର ପାଇ ଟାଟା ପାୱାରର ଉତ୍ତର ଓଡ଼ିଶା ମୁଖ୍ୟ ନିର୍ବାହୀ ଅଧିକାରୀ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ବିଜେପି କର୍ମକର୍ତ୍ତାଙ୍କୁ ବୁଝାସୁଝା କରିଥିଲେ। ଖୁବଶୀଘ୍ର ବିଦ୍ୟୁତ ଯୋଗାଣ ସ୍ଥିତି ସାମାନ୍ୟ ହେବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଆଗାମୀ ୩ ଦିନ ମଧ୍ୟରେ ବିଦ୍ୟୁତ ସ୍ଥିତି ସାମାନ୍ୟ ନହେଲେ ଲୋକଙ୍କ ସ୍ୱାର୍ଥ ପାଇଁ ବିଜେପି ବିଦ୍ୟୁତ ବିଭାଗର କର୍ପୋରେଟ ଅଫିସ ଘେରିବ ବୋଲି ଶ୍ରୀ ଦତ୍ତ ଚେତାବନୀ ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଶ୍ରୀ ଦତ୍ତଙ୍କ ସମେତ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଜିତ ଦେ, ଉପେନ୍ଦ୍ର ଶତପଥୀ, ମାଧବାନନ୍ଦ ସାହୁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସତ୍ୟଜିତ ମିଶ୍ର, ଦିଲୀପ ମାଝୀ, ରାଜେନ୍ଦ୍ର ଚାଟାର୍ଜୀ, ସୁରେନ ମାଝୀ, ଧୀରଜ ମହାନ୍ତି, ବିନୟ ମହାରଣା, ସସ୍ମିତା ଦାଶ, ସବିତା ପାଣିଗ୍ରାହୀ, ଅନୀତା ଦାସ, ମୀନତି ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ଦିନକରେ ୧୯୫ କରୋନା ସଂକ୍ରମିତ ଚିହ୍ନଟ ଓ ୨୧୩ ସୁସ୍ଥ

ବାଲେଶ୍ୱର,୦୭/୦୬ (ନି.ପ୍ର): ଗତ କିଛିଦିନ ଧରି ବାଲେଶ୍ୱରରେ କରୋନା ସଂକ୍ରମଣ ହାର ହ୍ରାସ ପାଇବାକୁ ନେଇ ସାଧାରଣରେ ଆଶ୍ୱସ୍ତ ପରିଲକ୍ଷିତ ହୋଇଛି। ଲଗାତାର ୬ ଦିନ ଧରି ଜିଲାର ସଂକ୍ରମଣ ୫ଶହର ନିମ୍ନରେ ରହିବା ସହ ସୋମବାର ୨ଶହରୁ ତଳକୁ ଆସିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଂଚଳରୁ ୧୯୫ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଆଜିମାବାଦରୁ ୬ଜଣ, ମୋତିଗଞ୍ଜରୁ ୫, ଗୋପାଳଗାଁରୁ ୨, ସହଦେବଖୁଣ୍ଟାରୁ ୨, ଛୁନଭାଟିରୁ ୨ଜଣଙ୍କ ସମେତ ଅଙ୍ଗାରଗଡିଆ, ଦର୍ଜିପୋଖରୀ, ଫାୟାର ଷ୍ଟେସନ, ମାକଲପୁର, ପୁଲିସ ସଲାଇନ, ଅରଡ଼ବଜାର, ସୁଏଲପୁର, ସୁନହଟ, ଫକୀରମୋହନ ଗୋଲେଇ ପ୍ରଭୃତି ଅଂଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୮ଜଣ, ବାଲିଆପାଳରୁ ୪ଜଣ, ବସ୍ତାରୁ ୪, ଭୋଗରାଇରୁ ୨, ଜଳେଶ୍ୱରରୁ ୨, ଖଇରାରୁ ୨୩, ନୀଳଗିରିରୁ ୪, ଔପଦାରୁ ଜଣେ, ରେମୁଣାରୁ ୮୫, ସଦରରୁ ୨୯ଜଣ ଓ ସୋର ବ୍ଲକରୁ ଜଣେ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୬,୯୦୦ରେ ପହଞ୍ଚିଥିବା ବେଳେ ଦିନକରେ ୨୧୩ ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୨୩,୨୭୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ସକ୍ରିୟ ଥିବା ୩,୨୯୪ ଜଣ କରୋନା ଆକ୍ରାନ୍ତ ଗୃହ ସଙ୍ଗରୋଧ ସମେତ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ସଂକ୍ରମିତ ଥିବା ୩୦ ବର୍ଷର ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୪ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଆସନ୍ତାକାଲିଠାରୁ ବାଲେଶ୍ୱର ସହରର ୮ ଗୋଟି କେନ୍ଦ୍ରରେ ୧୮ରୁ ୪୪ ବର୍ଷ ବୟସର ଯୁବବର୍ଗଙ୍କ ଟିକାକରଣ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି। ଆସନ୍ତା ୮, ୯, ୧୧ ଓ ୧୨ ତାରିଖ ୪ ଦିନରେ ୧୨ ହଜାର ଯୁବକ ଯୁବତୀଙ୍କୁ ପ୍ରଥମ ପାନ ଟିକା ଦିଆଯିବ।

# ବିଶିଷ୍ଟ ଶିକ୍ଷୋଦ୍ୟୋଗୀ ହିମାଂଶୁ ଦାସଙ୍କ ଶେଷକୃତ୍ୟ ସମ୍ପନ୍ନ



ବାଲେଶ୍ୱର,୦୭/୦୬ (ନି.ପ୍ର): ଶୋକାକୁଳ ପରିବେଶ ମଧ୍ୟରେ ବାଲେଶ୍ୱର ଜିଲା ଶିକ୍ଷାୟନ ଓ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶିକ୍ଷୋଦ୍ୟୋଗୀ ହିମାଂଶୁ ଦାସଙ୍କ ପ୍ରାର୍ଥିବ ଶରୀର ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛି। ରବିବାର ଅପରାହ୍ନରେ ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭଲୟକରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ପ୍ରାୟ ୧୧ଟା ୪୦ ମିନିଟ ସମୟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଚିନ୍ମୟୀ ଦାସ ଓ ଭାଉଜ ଶାନ୍ତିଲତା ଦାସଙ୍କ ସମେତ ଦୁଇପୁତ୍ର ଯୁବ ଶିକ୍ଷୋଦ୍ୟୋଗୀ ସଂଗ୍ରାମ ଦାସ, ସଂଜୟ ଦାସ, ପୁତ୍ରବଧୂ ଅଲିଭା ଦାସ ଓ ମମତା ଦାସ, ପୁତୁରା ସଂଜୀବ ଦାସ, ପୁତୁରା ବୋହୂ ସରୋଜିନୀ ଦାସ, ଝିଆରୀ ଜୟଶ୍ରୀ ମହାନ୍ତି, ଜ୍ୱାଇଁ ପ୍ରଶାନ୍ତ ମହାନ୍ତିଏବଂ ସମ୍ପଦ ଦାସ, ସମର୍ଥ ଦାସ, ସମ୍ପ୍ରିତା ଦାସ, ସଂଶିତା ଦାସ, ଅଭିନବ ଦାସ, ଅବିନାଶ ଦାସ ପ୍ରମୁଖ ନାତି ତାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କର ଦେହାନ୍ତ ଖବର ପ୍ରଚାର ହୋଇଯିବା ପରେ ରବିବାର ରାତି ଓ ସୋମବାର ସକାଳେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଅନନ୍ତ ଦାସ, ସଦର ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଦାଶ, ସମାଜସେବୀ ସୁବାସିନୀ ଜେନା ପ୍ରମୁଖଙ୍କ ସମେତ ସହର ତଥା ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଓଟିରୋଡ଼ ପାର୍ଶ୍ୱ ବାସଭବନରୁ କୋଭିଡ କଟକଣା ମଧ୍ୟରେ ତାଙ୍କର ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସ (ଉଦ୍ୟୋଗ ଭବନ), ଓଡ଼ିଶା ରବର, ହୋଟେଲ ହରିପ୍ଲାଜା, ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ, ହରି ପ୍ଲାଷ୍ଟ, ହରି ମେରାଇନ,ମଡ଼ର୍ଣ୍ଣ ଇଂଜିନିୟରିଂ କଲେଜ, ଇୟର୍ସ ହୋଣ୍ଡା, କଳିଙ୍ଗ ଇଲେକ୍ଟ୍ରିକାଲ୍ସ, କଳିଙ୍ଗ ହୋଟେଲ, ପ୍ରଭୃତି ପ୍ରତିଷ୍ଠାନ ସମେତ ଜିଲା ସ୍କୁଲ, ଫକୀର ମୋହନ ମହାବିଦ୍ୟାଳୟ ଓ ପରେ ତାଙ୍କର ଭୋଇସାହିସ୍ଥିତ ପୈତୃକ ଗୃହକୁ ନିଆଯାଇଥିଲା। ସବୁଠି ଶୋକାକୁଳ ପରିବେଶ ମଧ୍ୟରେ ଲୋକେ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ଦେଖିବାକୁ ମିଳିଥିଲା। ପୈତୃକ ଗୃହରୁ ତାଙ୍କର ପାର୍ଥିବ ଶରୀରକୁ ଲୋକେ କାନ୍ଧରେ ନେଇ ଆଇଟିଆଇ ନିକଟସ୍ଥ ଶ୍ମଶାନରେ ପହଞ୍ଚିଥିଲେ। ଶେଷରେ ବିଧି ଅନୁଯାଇ ସେଠାରେ ତାଙ୍କର ଜ୍ୟେଷ୍ଠପୁତ୍ର ସଂଜୟ ଦାସ ମୁଖାଗ୍ନି ଦେଇଥିଲେ। ୧୯୪୮ ମସିହାରେ ପିତା ହରିନାରାୟଣ ଦାସ ଓ ମାତା ରାଧାମଣି ଦେବୀଙ୍କ ସୁପୁତ୍ର ଭାବେ ଭୋଇସାହିରେ ସେ ଜନ୍ମଗ୍ରହଣ କରିଥିଲେ। ଜିଲାସ୍କୁଲରୁ ମେଟ୍ରିକ ଓ ଏଫଏମ କଲେଜରୁ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମେ ଓଡ଼ିଶା ପ୍ଲାଷ୍ଟିକ ଶିକ୍ଷାନୁଷ୍ଠାନର ପରିଚାଳନା ବିଭାଗ ଅଧିକାରୀ ଭାବେ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ମଧ୍ୟରେ ଶିକ୍ଷାନୁଷ୍ଠାନ ପରିଚାଳନା ବାବଦରେ ଅଶେଷ ଅନୁଭୂତି ଓ ଅଭିଜ୍ଞତା ହାସଲ କରିବା ପରେ ସେ ଓରି ପ୍ଲାଷ୍ଟରୁ ଅବସର ନେଇଥିଲେ। ପରେ ସେ ବାଲେଶ୍ୱରରେ ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନ ଏବଂ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଲାଗିଥିଲେ। ଜଣେ ସଫଳ ଶିକ୍ଷୋଦ୍ୟୋଗୀ ଭାବେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବହୁ ଶିକ୍ଷାନୁଷ୍ଠାନ ଓ ପ୍ରତିଷ୍ଠାନରେ କେବେ ବି ଶ୍ରମିକ ଅଶାନ୍ତି ଦେଖାଯାଇ ନାହିଁ। ଶ୍ରମିକଙ୍କ ସ୍ୱାର୍ଥରକ୍ଷା ଓ ଶିକ୍ଷାନୁଷ୍ଠାନର ଲାଭ ଉଭୟକୁ ସେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ।

# ରେଳ ଲାଇନ୍ କଡରୁ ଅଜଣା ଯୁବକର ଝୁଲନ୍ତା ମୃତ ଦେହ ଉଦ୍ଧାର

ଜଳେଶ୍ୱର,୭/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ କୁବାଡି ମୌଜାର ଦକ୍ଷିଣ-ପୂର୍ବ ରେଳ ଲାଇନ୍ କଡରେ ଥିବା ଏକ ବଡ ଗଛରେ ଆଜି ସୋମବାର ଜଣେ ଅଜଣ ଯୁବକ ଝୁଲନ୍ତା ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜିଆର୍‌ପିକୁ ଖବର ଦେଇଥିଲେ ମଧ୍ୟ ସେମାନେ ଜଳେଶ୍ୱର ପୋଲିସ୍‌କୁ ଖବର ଦେଇଥିଲେ। ଜଳେଶ୍ୱର ପୁଲିସ୍ ଯାଇ ଶବକୁ ଜବତ୍ କରିଥିଲେ ମଧ୍ୟ ତାହା ଚିହ୍ନଟ ହୋଇ ପାରିନଥିଲା। ଯୁବକ ଜଣକ ଛିଣ୍ଡା ପୋଷାକ ପିନ୍ଧିଥିବାରୁ ସେ ପଗଳ ହୋଇପାରେ ବୋଲି ଅନୁମାନ କରାଯାଉଛି ବୋଲି ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି। ସେ ଏକ କଳା ରଂଗର ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବା ବେଳେ ତାର ବୟସ ୩୦ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

# କାଳବୈଶାଖୀ ବର୍ଷା : ଗୁଳୁଗୁଳିରୁ ମିଳିଲା ସାମାନ୍ୟ ଆଶ୍ୱସ୍ତି

## ଭାଙ୍ଗିଲା ଇଲେକ୍ଟ୍ରି ଷ୍ଟ୍ରକଚର ଦୀର୍ଘ ସମୟ ଧରି ଅନ୍ଧାରରେ ବାରିପଦା



ବାରିପଦା,୦୭/୦୬ (ନି.ପ୍ର): ଏବେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ପ୍ରଚଣ୍ଡ ଖରା ହେତୁ ରାଜ୍ୟର ଅଧିକାଂଶ ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଛି। ଗଛଲତା ପଶୁ ପକ୍ଷୀ ଠାରୁ ଜୀବଜନ୍ତୁ ପର୍ଯ୍ୟନ୍ତ ସମସ୍ତେ ଖରାରେ ଡହଳ ବିକଳ ହେଉଥିଲେ। ତେବେ ଆଜି ମଧ୍ୟାହ୍ନରେ ବାରିପଦାରେ ପ୍ରବଳ ତାତି ସହ ଗୁଳୁଗୁଳି ହେଉଥିବା ବେଳେ ହଠାତ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ଘଡଘଡି ଓ ବର୍ଷା ହୋଇଥିଲା। ଝଡପବନ ପ୍ରଭାବରେ କିଛି ବିଦ୍ୟୁତ ଖୁଣ୍ଟି ଓ ଗଛ ଭାଙ୍ଗିଥିବା ବେଳେ ତକତପୁର ଠାରେ ଥିବା ବିଦ୍ୟୁତ ଷ୍ଟ୍ରକଚର ଭାଙ୍ଗି ପଡିଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାରିପଦା ସହର ତଥା ଏହାର ଆଖପାଖ ଅଂଚଳ ଅନ୍ଧକାରମୟ ହୋଇ ଯାଇଥିଲା। ତେବେ ବାରିପଦାରେ ଆଜି ବର୍ଷା ହୋଇଥିବାରୁ ଲୋକେ ଗ୍ରୀଷ୍ମ ପ୍ରବାହରୁ କିଛିଟା ଆଶ୍ୱସ୍ତି ଲାଭ କରିଥିବାର ଦେଖାଯାଇଛି। ଦୀର୍ଘ ଦିନ ପରେ ବାରିପଦାରେ ବର୍ଷା ହୋଇ ଥିବାରୁ ସହରର ନାଳ ନର୍ଦ୍ଦମା ଗୁଡିକ ଅନେକ ସ୍ଥାନରେ ପୋତି ହୋଇ ରହିଥିବାରୁ ରାସ୍ତାରେ କିଛି ସ୍ଥାନରେ ନର୍ଦ୍ଦମା ପାଣି ଛିଡା ହୋଇ ରହିଥିବାର ଦେଖା ଯାଇଛି। ବର୍ଷା ଘଡଘଡି ଯୋଗୁ କିଛି ସ୍ଥାନରେ ବଜ୍ରାଘାତରେ ଧନ ଜୀବନ କ୍ଷତି ହୋଇଥିବାର ସୂଚନା ମଧ୍ୟ ମିଳିଛି।

# ବିଭିନ୍ନ ସମସ୍ୟା ସମାଧାନ ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର



ଜଳେଶ୍ୱର,୭/୬ (ନି.ପ୍ର) : ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରକୁ ପଶ୍ଚିମବଂଗ ଲାଗିଥିବାରୁ ପ୍ରତିଦିନ ଶହ ଶହ ପ୍ରବାସୀ ତଥା ପଶ୍ଚିମବଂଗବାସୀ ଆସି ବ୍ୟବସାୟ କରିବା ସହିତ ଚଳପ୍ରଚଳ ହେଉଛନ୍ତି। ଲୁଚିଛପି ଭଡାରେ ରହୁଥିବା ଲୋକମାନଙ୍କୁ ଠାବ କରି ସେମାନଙ୍କର କୋଭିଡ୍ ଟେଷ୍ଟି କରାଇବା, ଟୀକାକରଣ କରାଇବା, ତୁରନ୍ତ ଡିକେକଲେଜ ହଷ୍ଟେଲକୁ କୋଭିଡ୍ କେୟାର ଭାବେ ଖୋଲିବା, ଚାଷୀଙ୍କ ଠାରୁ ଧାନ କିଣିବା, ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା, ପିଡିଏସ୍ ଚାଉଳ ବାଣ୍ଟିବାରେ ବୟୋମେଟ୍ରିକ୍ ମେସି ନ୍‌କୁ ବନ୍ଦ କରିବା, କାଳିଆ ଯୋଜନାରେ ଯୋଗ୍ୟ ହାତିଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ଜମିପଟ୍ଟା ନଥିବା ଲୋକଙ୍କୁ ପଟ୍ଟା ସହିତ ଆବାସ ଘର ଯୋଗାଇବାକୁ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଏକ ଦାବୀପତ୍ର ବିଡିଓଙ୍କ ଜରିଆରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ ପ୍ରବକ୍ତ ସୁଦର୍ଶନ ଦାସ, ରାଜୀବ ପରିଡା, ସବ୍ୟସାଚୀ ଦାସ, ହେମନ୍ତ ଗିରି ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

# ୨୨୮ ଆକ୍ରାନ୍ତ ଚିହ୍ନଟ, ୨୪୬ ସୁସ୍ଥ

ଭଦ୍ରକ,୦୭/୦୬ (ନି.ପ୍ର): ଗତକାଲିର ରିପୋର୍ଟ ଅନୁଯାୟୀ ଭଦ୍ରକ ଜିଲ୍ଲାରେ ମୋଟ ୪ ଲକ୍ଷ ୧୧ହଜାର ୩୫୯ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୧୮ ହଜାର ୨୨୩ ଜଣ। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୧୫ ହଜାର ୭୩୩ ଜଣ। ନୂତନ ଆକ୍ରାନ୍ତ ଆଉ ୨୨୮ଜଣ ଚିହ୍ନଟ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୨୪୬ଜଣ। ଏହି ନୂତନ ଆକ୍ରାନ୍ତ ସମସ୍ତେ ଲୋକାଲ କଣ୍ଟାକ୍ଟ ବୋଲି ଜଣା ପଡ଼ିଛି। ଏହି ପରିସଂଖ୍ୟାନ ପରେ ଏବେ ଜିଲ୍ଲାରେ ମୋଟ ୨୪୫୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ନୂତନ ଚିହ୍ନଟ ଆକ୍ରାନ୍ତମାନେ ହେଲେ ଭଦ୍ରକ ପୌରପାଳିକାର ୧୫ଜଣ, ବନ୍ତ ବ୍ଲକର ୨୨ଜଣ, ବାସୁଦେବପୁର ବ୍ଲକର ୩ଜଣ, ତିହିଡ଼ି ବ୍ଲକର ୨୮ଜଣ, ଚାନ୍ଦବାଲି ବ୍ଲକର ୪୮ଜଣ, ଚାନ୍ଦବାଲି ଏନ୍‌ଏସିର ୧୨ଜଣ, ଧାମନଗର ବ୍ଲକର ୭ଜଣ, ଅନ୍ୟ ଜିଲ୍ଲାରୁ ୭ଜଣ ଏବଂ ଭଦ୍ରକ ଜିଲ୍ଲାର ୧୭ଜଣ ଅନ୍ୟ ଅଞ୍ଚଳରେ ଚିହ୍ନଟ ହୋଇଛନ୍ତି।

# ଏସସିବିକୁ ଆସିବ ୬ଟି ଇସିଏମଓ ମେସିନ୍

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଇସିଏମଓ ମେସିନ୍ ର ବ୍ୟବହାର ଆମ ଦେଶରେ ଏତେ ନଥିଲା। କିନ୍ତୁ ଏବେ କୋଭିଡ ଯୋଗୁଁ ଏହି ମେସିନର ଆବଶ୍ୟକତା ବଢିଯାଇଛି। ତେଣୁ ଆମେ ମଧ ୬ଟି ୟୁନିଟ ଆଣିବା ପାଇଁ ବ୍ୟବସ୍ଥା କରୁଛୁ, ଯାହା କଟକର ଏସସିବିରେ ରହିବ। ସମଗ୍ର ଦେଶରେ ୨୧ଟି ପଞ୍ଜିକୃତ ଇସିଏମଓ ୟୁନିଟ ଅଛି ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି। ସେ କହିଛନ୍ତି ଯେ ଇସିଏମଓ ୟୁନିଟ ଚଳାଇବା ପାଇଁ ମାନବ ସମ୍ବଳର ଅଭାବ ଅଛି। ତେଣୁ ଧୀରେ ଧୀରେ ଆମେ ରାଜ୍ୟର ଅନ୍ୟାନ୍ୟ ଅଂଚଳରେ ମଧ ଏହି ୟୁନିଟ ସ୍ଥାପନ କରିବାକୁ ବ୍ୟବସ୍ଥା କରିବୁ। କରୋନାର ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୭ଟି ଔଷଧକୁ ପରୀକ୍ଷାମୂଳକ ଭାବେ ଜରୁରୀକାଳୀନ ବ୍ୟବହାର କରାଯାଉଛି। ଏକ କମିଟି ଏହି ସବୁ ଔଷଧର ବ୍ୟବହାର ଓ ଫଳାଫଳ ଉପରେ ନିରନ୍ତର ତର୍ଜମା କରୁଛନ୍ତି। ତେଣୁ ଏହି ଟାସ୍କଫୋର୍ସ ଯାହା ଅନୁଧ୍ୟାନ କରି ନିଷ୍ପତି ନେବେ ସେହି ଅନୁସାରେ ଆମେ ମଧ ଔଷଧ ବ୍ୟବହାର କରିବୁ ବୋଲି କହିଛନ୍ତି ଡିଏମଇଟି।

# ସ୍ୱର୍ଗତ ଇଚ୍ଛାମଣି ମହାପାତ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ



ବାଲେଶ୍ୱର,୦୬/୦୬ (ନି.ପ୍ର): ସ୍ୱର୍ଗତ ଇଚ୍ଛାମଣି ମହାପାତ୍ରଙ୍କ ଏକାଦଶ ଉପଲକ୍ଷେ ଭଗବାନପୁର(ରୂପ୍‌ସା) ସ୍ଥିତ ମହାପାତ୍ର ଫାର୍ମହାଉସ୍‌ଠାରେ ଏକ ସ୍ମୃତି ସଭା ପାଳିତ ହୋଇଯାଇଛି। ବର୍ଷିଆନ୍ ରୂପ୍‌ସାର ଲୋକପ୍ରିୟ ପଣ୍ଡିତ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯଥା ସୁବର୍ଣ୍ଣଶ୍ରୀ ପ୍ରକାଶନିର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରଦା ପ୍ରସନ୍ନ ପଟ୍ଟନାୟକ, ସୁଧାକର ଗିରି ଓ ଜଗଦିଶ ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଇଚ୍ଛାମଣି ମହାପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଉକ୍ତ ସ୍ମୃତି ସଭାରେ ବକ୍ତାମାନେ କହିଥିଲେ ଯେ ସ୍ୱର୍ଗତ ଇଚ୍ଛାମଣି ମହାପାତ୍ର ଥିଲେ ଜଣେ ସୁଗୃହିଣୀ, ସ୍ନେହବତ୍ସଳା ଓ ଆଦର୍ଶ ପତ୍ନୀ ସହ ଗୃହର ବିଭିନ୍ନ କାର୍ଯ୍ୟ ପରିଚାଳନା କରିବାରେ ଥିଲେ ଧୁରନ୍ଧର। ତାଙ୍କର ପ୍ରେରଣା ପାଇ ସ୍ୱାମୀ ଭଗବାନ ଚନ୍ଦ୍ର ମହାପାତ୍ର ଆଜି ସମାଜରେ ପ୍ରତିଷ୍ଠିତ ହେବା ସହ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହିସାବରେ ସମାଜରେ ପରିଚିତ।

# ବାତ୍ୟା ଦେଇଗଲା ଗରୀବକୁ ଦୁଃଖ : ପ୍ରକୃତ ହିତାଧିକାରୀକୁ ମିଳୁନି ସହାୟତା

## କାଳବୈଶାଖି ବର୍ଷା ଓ ଆଗକୁ ଆସୁଥିବା ମୌସୁମୀ ବର୍ଷା ପାଇଁ ଚିନ୍ତାରେ ବାସହରା



ବାରିପଦା,୦୭/୦୬ (ନି.ପ୍ର): ୟାସ ବାତ୍ୟା ଆସିଲା, ଆଉ ଦେଇ ଚାଲିଗଲା ଅନେକ ଦୁଃଖ। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ବୋଝ ଉପରେ ନଳିତା ବିଡ଼ା ପରି କରୋନା କାଳରେ ରୋଜଗାର ନଥିବା ବେଳକୁ ଘର ଚାଳ ଛପର ମଧ ଭାଙ୍ଗି ଯାଇଛି ବାତ୍ୟାରେ। ବାରିପଦା ବେତନଟି ରାସ୍ତାରେ ଥିବା ବଡଯୋଡ ଗ୍ରାମର ଆଦିବାସୀ ଲୋକଙ୍କ ଦୁଃଖ ବାତ୍ୟା ପରେ କହିଲେ ନସରେ। ଆଗକୁ ପୁଣି ବର୍ଷା ଋତୁ ଆସୁଥିବା ବେଳେ ପଲିଥିନ ଛପର ବିନା ଘରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ଟିଏ ନାହିଁ। ସରପଞ୍ଚଙ୍କ ଜରିଆରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ବିଡ଼ିଓଙ୍କୁ ଅନୁରୋଧ କରାଯାଇଥିଲେ ମଧ ସରକାରୀ ସହାୟତାରେ ହିତାଧିକାରୀଙ୍କ ନାମ ରାହୁନାହିଁ। ସରକାରୀ ସ୍ତରରେ କ୍ଷୟକ୍ଷତିର ଆକଳନ ଠିକ ଭାବରେ ହୋଇ ନଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ ଓ ସରପଞ୍ଚ ଅଶୋକ କୁମାର ନାଏକ। ୟାସ ବାତ୍ୟାରେ ଘନ ଘନ ଲଗାଣ ବର୍ଷା ଓ ପବନ ଯୋଗୁଁ ଲୋକଙ୍କ ଚାଳ ଛପର ଉଡି ଯାଇଥିବା ବେଳେ ଅନେକ ଲୋକଙ୍କ କାନ୍ଥ ବର୍ଷା ପାଣିରେ ଭୁଶୁଡି ପଡିଛି। କିନ୍ତୁ ୟାସ ବାତ୍ୟା ଯିବାର ୧୦ ଦିନରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ବାତ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ମଧ ମିଳିପାରି ନାହିଁ। ବଡ଼ଜୋଡ ଆରଆଇ ବାବୁ ନିଜ ମନ ମୁତାବକ କ୍ଷୟକ୍ଷତିର ଆକଳନର ରିପୋର୍ଟ ଦେଇଥିବା ଅଭିଯୋଗ କରିଛନ୍ତି ବଡ଼ଜୋଡ ପଂଚାୟତର ସମିତି ସଭ୍ୟ ଗଣେଶ୍ୱର ନାଏକ। ସେପଟେ ମଝିରେ ମଝିରେ କାଳବୈଶାଖୀ ବର୍ଷା ସାଙ୍ଗକୁ ଆଗକୁ ମୌସୁମୀ ବର୍ଷା, ଏହା ସହିତ ମୁଣ୍ଡଫଟା ଖରା ସହି ଦୁଃଖ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି ସ୍ଥାନୀୟ ଅଞ୍ଚଳର ବହୁ ବାତ୍ୟା କ୍ଷତିଗ୍ରସ୍ତ ଗ୍ରାମବାସୀ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ଚାଳ ଘର ଥିବା ଲୋକଙ୍କ ପାଇଁ ପକ୍କାଘର ଯୋଗାଇ ଦେଉଥିବା ବେଳେ ଗରିବ ଆଦିବାସୀ ଖଟିଖିଆ ମାନଙ୍କ ପାଇଁ ଏହା ସାତ ସପନ ପାଲଟିଛି।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo